

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 June 2024

Vol.No. 35 ■ No.146 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧







# ଆଜି ଅନ୍ତିମ ପର୍ଯ୍ୟାୟ ମତଦାନ

**ଉତ୍ତରପ୍ରଦେଶର ୧୩, ପଞ୍ଜାବର ୧୩, ବିହାରର ୮, ପଶ୍ଚିମବଙ୍ଗ ୯, ଚଣ୍ଡିଗଡ଼ର ଗୋଟିଏ, ଓଡ଼ିଶାର ୬ ଏବଂ ଝାଡଖଣ୍ଡର ୩ଟି ଲୋକସଭା ଆସନରେ ମତଦାନ**




ନୂଆଦିଲ୍ଲୀ, ୩୧/୫ :ଆସନ୍ତାକାଲି ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ । ଏହି ପର୍ଯ୍ୟାୟରେ ୮ଟି ରାଜ୍ୟର ୫୭ଟି ଲୋକସଭା ଆସନରେ ମତଦାନ ହେବ । ଉତ୍ତରପ୍ରଦେଶର ୧୩, ପଞ୍ଜାବର ୧୩, ବିହାରର ୮, ପଶ୍ଚିମବଙ୍ଗ ୯, ଚଣ୍ଡିଗଡ଼ର ଗୋଟିଏ, ଓଡ଼ିଶାର ୬ ଏବଂ ଝାଡଖଣ୍ଡର ୩ଟି ଲୋକସଭା ଆସନରେ ମତଦାନ ହେବ । ୨୦୧୯ ନିର୍ବାଚନରେ ଏହି ୭୫ ଆସନରୁ ବିଜେପି ୨୫ ଆସନରେ ବିଜୟ ଲାଭ କରିଥିଲା । ଟିଏମସି ୮ଟି ଆସନରେ ବାଜିମାତ କରିଥିଲା । କଂଗ୍ରେସକୁ ୭ଟି ଆସନ ମିଳିଥିଲା । ଏହି ୫୭ ଆସନରେ ୨୦୧୯ରେ ଭୋଟ୍ ହାର ଥିଲା ୬୫.୨୯ ପ୍ରତିଶତ । ଶେଷ ପର୍ଯ୍ୟାୟରେ ବହୁ କେନ୍ଦ୍ରୀୟ ନେତା ଓ ସେଲିବ୍ରିଟିଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର । ଯାହାଙ୍କ ମଧ୍ୟରେ ରହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଭିନେତ୍ରୀ କଙ୍ଗନା ରାଣାୱତ, ଟିଏମସି ମହାସଚିବ ଅଭିଷେକ ବାନାର୍ଜୀଙ୍କ ଭଳି ହେଭିୱେଟ । ସେହିପରି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନୀ, ଭୋଜପୁରୀ ଅଭିନେତା ପୱନ ସିଂ ଭଳି ହେଭିୱେଟ ନେତାଙ୍କ ସହ କେନ୍ଦ୍ର ମନ୍ତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର୍ । ▶▶ପୃଷ୍ଠା ୭

## ବଢୁଛି ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା: ଦିନକରେ ସୁନ୍ଦରଗଡ଼ ଜିଲ୍ଲାରେ ଗଲାଣି ୧୬ ଜୀବନ

ଭୁବନେଶ୍ୱର, ୩୧/୫ (ନି.ପ୍ର): ରାଜ୍ୟରେ ବଢ଼ିବାରେ ଲାଗିଛି ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା । ସୁନ୍ଦରଗଡ଼ ଜିଲ୍ଲାରେ ଗତକାଲି ଗୋଟିଏ ଦିନରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ରାଉରକେଲା ଜଏଚ୍ଚରେ ଚିକିତ୍ସାଧୀନ ଅବସ୍ଥାରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ଡାକ୍ତରଖାନାରେ ୪ ଜଣଙ୍କର ଜୀବନ ଯାଇଛି । ସୁନ୍ଦରଗଡ଼ ଜିଲ୍ଲାରେ ମୋଟ ୧୬ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ସୂଚନା ରହିଛି । ବର୍ତ୍ତମାନ ସୁଦ୍ଧା ରାଉରକେଲା ଜଏଚ୍ଚରେ ୨୩ ଜଣଙ୍କର ଚିକିତ୍ସା ଚାଲିଥିବା



ବେଳେଗୁରୁତର ଅନ୍ୟ ୧୦ଜଣଙ୍କୁ ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି । ସେ କହିଛନ୍ତି, ରାଉରକେଲା ▶▶ପୃଷ୍ଠା ୭

## ପ୍ରଶାନ୍ତ ଜଗଦେବଙ୍କ ଜାମିନ୍ ଆବେଦନ ଖାରଜ



ଚିଲିକା, ୩୧/୫ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଜାମିନ୍ ଆବେଦନ ଖାରଜ ହୋଇଯାଇଛି । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ-୨ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି । ଗତ ଶନିବାର (ମେ' ୨୫ ତାରିଖ) ଭୋଟ୍ ଦେବାକୁ ଯାଇଥିବା ବେଳେ ବୁଥ୍‌ରେ ଗଣ୍ଡଗୋଳ ତଥା ଇଭିଏମ୍ ଫିଙ୍ଗାଫୋପଡ଼ା କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ ପ୍ରଶାନ୍ତ ଜଗଦେବ । ତେବେ ଅସୁସ୍ଥ ଥିବାରୁ ଏବେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ଜଗଦେବଙ୍କର ରକ୍ତଚାପ ଓ ସୁଗାର ସ୍ତର ବଢ଼ିଯିବାରୁ ତାଙ୍କୁ ଡାକ୍ତରଖାନାରେ ▶▶ପୃଷ୍ଠା ୭

## ପୁରୀ ବାଣ ବିସ୍ଫୋରଣ ଘଟଣାରେ ଆଉ ୨ ଜଣଙ୍କ ମୃତ୍ୟୁ

ପୁରୀ, ୩୧/୫ (ନି.ପ୍ର): ପୁରୀ ବାଣ ବିସ୍ଫୋରଣ ଘଟଣାରେ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି । ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରୁ ପାଇଥିବା ତଥ୍ୟ ଆଧାରରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଛି ଏସ୍ଆରସିଙ୍କ କାର୍ଯ୍ୟାଳୟ । ଚିକିତ୍ସାଧୀନ ଅବସ୍ଥାରେ ଏହି ୨ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାରେ ଆହତ ହୋଇଥିବା ଆହୁରି ୨୪ ଜଣ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସରକାର ସ୍ଥିତି ଉପରେ ନଜର ରଖିଥିବା ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସେହିପରି ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ▶▶ପୃଷ୍ଠା ୭

## ଯୌନ ନିର୍ଯାତନା ମାମଲା: ସାଂସଦ ରେଭାନ୍ନାଙ୍କୁ ଜୁନ ୬ ଯାଏ ରିମାଣ୍ଡରେ ନେଲା ଏସ୍ଆଇଟି

ନୂଆଦିଲ୍ଲୀ, ୩୧/୫ : ଶହଶହ ମହିଳାଙ୍କୁ ଯୌନ ନିର୍ଯାତନା ଦେଇ ବ୍ଲାକମେଲିଂ କରିବା ଅଭିଯୋଗରେ ଗିରଫ ହୋଇଥିବା କର୍ଣ୍ଣାଟକାର ଜେଡିଏସ୍ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କୁ ରିମାଣ୍ଡରେ ନେଇଛି ଏସ୍ଆଇଟି । ଆଜି ଭୋରରୁ ଜର୍ମାନୀରୁ ଫେରିଥିବା ରେଭାନ୍ନାଙ୍କୁ ଏସ୍ଆଇଟି ଏୟାରପୋର୍ଟରୁ ହିଁ ଗିରଫ କରିଥିଲା । ଏହାପରେ ଅପରାହ୍ନରେ ତାଙ୍କୁ ବେଙ୍ଗାଲୁରୁର ଗୋଟିଏ କୋର୍ଟରେ ହାଜର କରାଯାଇଥିଲା । ▶▶ପୃଷ୍ଠା ୭

## ପଶ୍ଚିମ ଓଡ଼ିଶାରେ ଅଗ୍ନି ବର୍ଷା ଟିଟିଲାଗଡ଼ରେ ପାରଦ ୪୬.୫ ଡିଗ୍ରି ରେକର୍ଡ

ଭୁବନେଶ୍ୱର, ୩୧/୫ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ଶୁକ୍ରବାର ଅଗ୍ନି ବର୍ଷା ହୋଇଛି । ସର୍ବୋଚ୍ଚ ତାପମାତ୍ରା ପାଇଁ ଅତୀତରେ ରେକର୍ଡ କରିଥିବା ଟିଟିଲାଗଡ଼ରେ ପାରଦ ଆଜି ୪୬.୫ ଡିଗ୍ରିକୁ ଉଠିଛି । ବଲାଙ୍ଗୀରବାସୀଙ୍କୁ ମଧ୍ୟ ଆଜି ପ୍ରବଳ ଖରାରେ ସିଝିବାକୁ ପଡ଼ିଛି । ଏଠାରେ ତାପମାତ୍ରା ୪୬.୫ ଡିଗ୍ରି ରେକର୍ଡ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି



ସୂଚନା ଦିଆଯାଇଛି । ରାଜ୍ୟର ୮ଟି ସହରର ତାପମାତ୍ରା ୪୫ ଡିଗ୍ରି କିମ୍ବା ଏଥିରୁ ଅଧିକ ରହିଛି । ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ▶▶ପୃଷ୍ଠା ୭

## କନ୍ୟାକୁମାରୀର ବିବେକାନନ୍ଦ ଶିଳା ସ୍ମାରକରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୪୫ଘଂଟାର ଧ୍ୟାନ ଆରମ୍ଭ

ନୂଆଦିଲ୍ଲୀ , ୩୧/୫ : କନ୍ୟାକୁମାରୀର ବିବେକାନନ୍ଦ ଶିଳା ସ୍ମାରକର ଧ୍ୟାନ ମଣ୍ଡପମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୪୫ଘଂଟାର ଧ୍ୟାନ ଆରମ୍ଭ ହୋଇଛି । ସେ ଏଠାରେ ଜୁନ ୧ଯାଏ ଧ୍ୟାନମଗ୍ନ ରହିବେ । ଏହି ଐତିହାସିକ ସ୍ଥାନରେ ସ୍ୱାମୀ ବିବେକାନନ୍ଦ ୧୮୯୨ରେ ଧ୍ୟାନ କରିଥିଲେ । ଲୋକସଭା ନିର୍ବାଚନର ଶେଷ ପର୍ଯ୍ୟାୟ ପ୍ରଚାର ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ ୩୦ ତାରିଖ ସନ୍ଧ୍ୟାରେ କନ୍ୟାକୁମାରୀରେ ପହଂଚିଥିଲେ । ସେ ଏଠାରେ ପ୍ରଥମେ ଭଗବତୀ ଅମ୍ମନ ଦେବୀ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସେ ଧଳାରଙ୍ଗର ମୁଣ୍ଡୁ ଲୁଙ୍ଗି ପିନ୍ଧିଥିଲେ । ଭଗବତୀ ଅମ୍ମନ ମନ୍ଦିରରେ ପୂଜା ପରେ ମୋଦି ସନ୍ଧ୍ୟା ୬.୪୫ ମିନିଟରେ ଧ୍ୟାନରେ ବସିଥିଲେ । ସେ ପରବର୍ତ୍ତୀ ୪୫ଘଂଟା ଯାଏ ଧ୍ୟାନମଗ୍ନ ରହିବେ ଏବଂ କେବଳ ପଇଡ ପାଣି ଭଳି ତରଳ ପଦାର୍ଥ ଗ୍ରହଣ କରିବେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କନ୍ୟାକୁମାରୀରେ ବହୁସ୍ତରୀୟ ସୁରକ୍ଷା ଘେରା କରାଯାଇଛି । ଏଥିରେ ୨ହଜାର ପୋଲିସକର୍ମୀ ମୁତୟନ ହୋଇଛନ୍ତି । ଏହାବ୍ୟତୀତ ସିକ୍ୟୁରିଟି ପାଇଁ ତାମିଲନାଡୁ ପୋଲିସର କୋଷ୍ଟାଲ ସିକ୍ୟୁରିଟି ଗ୍ରୁପ, କୋଷ୍ଟଗାର୍ଡ ଓ ନେଭି ବି ମୁତୟନ ହୋଇଛନ୍ତି ।

## ନିଳାଗୁଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୩୧/୫ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ପକ୍ଷରୁ ୪ଟି ମଦ ଭାଟି ଭାଙ୍ଗିବା ସହ ଏକ ହଜାର ଲିଟର ପୋଚ ଓ ୯୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରାଯାଇଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ: ଜଣେ ଗିରଫ

ଜୟପୁର, ୩୧/୫ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢ଼ଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଦମଗୁଡାର ଭଗବାନ ହିଆଲ (୩୭) । ଅବକାରି ଥାନା ସୂଚନା ଅନୁଯାଇ, ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ କଦମଗୁଡା ଗ୍ରାମ ରାସ୍ତାରେ ଚଢ଼ଉ କରଯାଇଥିଲା । ଚଢ଼ଉ କରି ୧୮ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

## ବଜ୍ରପାତରେ ଯୁବକ ମୃତ

ଗଞ୍ଜାମ, ୩୧/୫ (ନି.ପ୍ର): ଦିଗପହଣ୍ଡି ନିକଟସ୍ଥ କେ. ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ଗୋବିନ୍ଦପୁର ଗ୍ରାମ ଦେଇ ଆଜି ଅପରାହ୍ନରେ ବାଇକ୍ ରେ ଯାଉଥିବା ବେଳେ ସଞ୍ଜୟ ସେଠୀଙ୍କ ଉପରେ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି । ତାଙ୍କୁ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଜିଲ୍ଲା କୋଟିଆ ଆଦିବାସୀ ସମାଜ କମିଟି ପୁର୍ନଗଠନ

ମାଲକାନଗିରି, ୩୧/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦ, ମାଲକାନଗିରି ତରଫରୁ ଗୁରୁବାର ଦିନ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ଗ୍ରାମ ପଂଚାୟତ ରେ କୋଟିଆ ସମ୍ପ୍ରଦାୟ ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ସମସ୍ତ କୋଟିଆ ସମ୍ପ୍ରଦାୟ ପ୍ରତ୍ୟେକ ପରିବାରରୁ ଜଣେ ଲୋକ ଉପସ୍ଥିତ ଥିଲେ । ବୈଠକରେ ପୁରୁଣା କମିଟି ଭଙ୍ଗ କରାଯାଇ ୨ ୩ ଜଣିଆ ଏକ ନୂତନ କମିଟି ଗଠନ କରାଗଲା ! କମିଟିରେ ସଭାପତି ଭାବରେ କମୁଳୁ ହନ୍ତାଳ ଙ୍କୁ ସର୍ବସ ମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା ! ସେହିପରି ଉପସଭାପତି ଭାବରେ ସଦନ ଖରା, ଆଦୁ ଖରା, ସାଧାରଣ ସମ୍ପାଦକ ରାମଚନ୍ଦ୍ର ଗାଲେଲ, ଯୁଗ୍ମ ସମ୍ପାଦକ ଫୁଲଧର ପୂଜାରୀ, ସାଂଗଠନିକ ସମ୍ପାଦକ ସନ୍ୟାସୀ ଖିଲ, ଗୋପୀନାଥ ଖରା, କୋଷାଧକ୍ଷ କୃଷ୍ଣ ଖରା, କାର୍ଯ୍ୟ ନିର୍ବାହୀ ସଦସ୍ୟ /ସଦସ୍ୟା ଦହନା ତାଙ୍ଗୁଲୁ ରାମଚନ୍ଦ୍ର ଖରା, ରଘୁରାମ ଗୋଲାରୀ, ପୁରୁଷତି ଖରା, ଶ୍ରୀମତୀ ପାର୍ବତୀ ଶୁକ୍ରୀ, ଜଗଦିଶ ତା ମର୍ବୀ, ଲବ କୁର୍ତା ଡି, ସାରଥୀ ଗୁଣ୍ଟା, ବୁଦ୍ରୀ ପାଙ୍ଗି, ମାଳତୀ ପାଙ୍ଗି, ଭାନୁମତି ହନ୍ତାଳ ଓ ଗୁପ୍ତ ଗଲେଲ । ଉପଦେଷ୍ଟା ଭାବରେ ଟିବୁରାମ ତାଙ୍ଗୁଲୁ , ଲବ ପୂଜାରୀ ଓ ଡାଳବନ୍ଧୁ ପାଙ୍ଗି ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା । ନୂତନ କମିଟି ର ଶପଥ ଗ୍ରହଣ ଉତ୍ସବ ଆସନ୍ତା ବୁଧବାର ଦିନ ବଡ଼ପଡ଼ା ଠାରେ ହେବ ବୋଲି ନୂତନ ସଭାପତି ଘୋଷଣା କରିବା ସହିତ ନିଜ କୋଟିଆ ସମ୍ପ୍ରଦାୟ ର ପରମ୍ପରା, ସଂସ୍କୃତି, ରୀତି ନୀତି କିଭଳି ବଜାୟ ରହିବ, କୋଟିଆ ସମ୍ପ୍ରଦାୟ କିଭଳି ଏକଜୁଟ ହେବେ, ସେମାନେ ନିଜ ଅଧିକାର କେମିତି ପାଇପାରିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ ! ଏହା ପରେ ଗଙ୍ଗାଧର ଖରା ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଟାଟା ପାୱାର ଦ୍ୱାରା ସ୍ମାର୍ଟ ମିଟର ଲଗାଣକୁ ବଲାଙ୍ଗୀର ନାଗରିକ କମିଟିର ବିରୋଧ

ବଲାଙ୍ଗୀର, ୩୧/୫ (ନି.ପ୍ର): ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବଲାଙ୍ଗୀର ନାଗରିକ କମିଟିର କାର୍ଯ୍ୟକାରି କମିଟି ବୈଠକରେ ସାଧାରଣ ସଂପାଦକ ମଧୁସୂଦନ ନାୟକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଟାଟା ପାୱାର ଜୋର ଜବରଦସ୍ତ ସ୍ମାର୍ଟ ମିଟର ଲଗାଉଥିବା ବିଷୟରେ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟକାରୀ କମିଟିର ପ୍ରାୟ ସମସ୍ତ ସଦସ୍ୟ ଅଭିଯୋଗ ଆଣିଥିଲେ କି ଏହା ଟାଟା ପାୱାରର ସରଳ ଜନସାଧାରଣଙ୍କ ଉପରେ ଏକ ପ୍ରକାର ଅତ୍ୟାଚାର ସଦୃଶ ଅଟେ। ଜନସାଧାରଣଙ୍କୁ ଭୁଆଁ ବୁଲେଇ ଅଥବା ଭୟ ଦେଖାଇ ଟାଟା ପାୱାର ତାର ସ୍ୱାର୍ଥ ହାସଲ କରିବାକୁ ଚାହୁଁଛି। ଏହା ଅଗଣତାନ୍ତ୍ରିକ ଓ କୌଣସି ପ୍ରକାର ଗ୍ରହଣିୟ ନୁହେଁ। ତେଣୁ ଏହାର ପ୍ରତିବାଦ କରାଯିବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଗାମୀ ଜୁନ ୧ ତାରିଖରେ ଏ ବିଷୟରେ ସାଧାରଣ ପରିଷଦ ବୈଠକରେ ଆଲୋଚନା ହେବା ପରେ ଜୁନ ୩ ତାରିଖରେ ଇଲେକ୍ଟ୍ରିକାଲ ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧର୍ମଘଟ ସହିତ ମେମୋରେଣ୍ଡମ ଦିଆଯିବାକୁ ନିର୍ଦ୍ଧାରଣ କରାଯାଇଛି। ଏହା ପରେ ସହରରେ ପ୍ରଦୂଷଣ ଜନିତ ସମସ୍ୟା, ନାଗରିକ କମିଟିର କାର୍ଯ୍ୟାଳୟ ସକାଶେ ଜମି ବ୍ୟବସ୍ଥା, ବୃକ୍ଷ ରୋପଣ, ବିଦ୍ୟୁତ ବିଭାଗ ଦ୍ୱାରା ଅନାବଶ୍ୟକ ବୃକ୍ଷ ଛେଦନ, କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଫିଜିଓଥେରାପି କେନ୍ଦ୍ର ରେ ଅଧିକ ଫି ଗ୍ରହଣ, ବଲାଙ୍ଗିର ସରକାରୀ ଆୟୁର୍ବେଦ ଫାର୍ମାସିକୁ ଚରମ ଅବହେଳା ପ୍ରଭୃତି ସମସ୍ୟା ଓ ତାର ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ସହିତ ବିଷଦ ଆଲୋଚନା ହୋଇଥିଲା। ଶେଷରେ ସହ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ରାପଡ଼ାରେ ବିଜେପିର ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୩୧/୫ (ନି.ପ୍ର): କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ ଭାରତୀୟ ଜନତା ପାର୍ଟିର ଏକ ସାମ୍ବାଦିକ ସମ୍ମିଳନୀ ଗରାପୁର ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, କେନ୍ଦ୍ରାପଡାର ବିଧାନସଭା ପ୍ରାର୍ଥିନୀ ଗୀତାଞ୍ଜଳୀ ସେଠୀ, ଲୋକସଭା ସଂଚାଳନ କମିଟିର ମୁଖ୍ୟ ସଞ୍ଜୟ ରଥ, ମିଡିଆ ସେଲ୍ ସଭାପତି ନେହେରୁ କୁମାର ସାହୁ ଉପସ୍ଥିତ ଥିଲେ । ଗୀତାଞ୍ଜଳୀ ସେଠୀ ସମ୍ବାଦିକମାନଙ୍କ ଜରିଆରେ ଜିଲ୍ଲା ପ୍ରଶାସନକୁ ନିବେଦନ ରଖିଲେ ଯେ ସାଧାରଣ ନିର୍ବାଚନ ୨୦୨୪ ସରିବାକୁ ଆଉ ମାତ୍ର ଅଳ୍ପଦିନ । ମାତ୍ର ବିଜେଡିର ଗୁଣ୍ଡାରାଜ ଏବଂ ତାଙ୍କପ୍ରତି ଯେଉଁ ପ୍ରକାରର ମରଣାତ୍ମକ ଆକ୍ରମଣ ଏବଂ ଭାଷା ବ୍ୟବହାର କରିଛନ୍ତି ତାହା ଜିଲ୍ଲା ପ୍ରଶାସନ ଜାଣି ମଧ୍ୟ ନୀରବ ଦ୍ରଷ୍ଟା ସାଜିଛନ୍ତି । ପୋଷ୍ଟର ଚିରାକୁ ନେଇ ବିବାଦ ଆଜି ଥାନାରେ ପହଂଚିଛି । ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ବିଜେଡି ଆଜି ଔଷଧ ବଦଳରେ ଡାଟିଆ କାମୁଡୁଛି । ପ୍ରଧାନମନ୍ତ୍ରୀଙ୍କ ସମାବେଶରେ ଜିଲ୍ଲାର ଲକ୍ଷାଧିକ ଭୋଟର ଉପସ୍ଥିତ ଥିବାରୁ ସଞ୍ଜୟ ରଥ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କୁ ଧନ୍ୟବାଦ ଦେଇଥିଲେ । ମୋଦିଜୀଙ୍କ ନେତୃତ୍ୱରେ ଓଡିଶାର କୋଣ ଅନୁକୋଣରୁ ଗୋଟିଏ କଥା ଶୁଣାଯାଉଛି ଯେ ଓଡିଶାରେ ଜଣେ ଓଡିଆ ପୁଅ କିମ୍ବା ଝିଅ ମୁଖ୍ୟମନ୍ତ୍ରୀ ହେବେ ଏବଂ ସମସ୍ତେ ମିଳିମିଶି ଏ ଭ୍ରଷ୍ଟାଚାର ବିଜେଡିର ୨୫ ବର୍ଷର ଶାସନ ଉପରେ ପୁର୍ଣ୍ଣଛେଦ ଲଗାଇବାକୁ ନିଷ୍ପତି ନେଇସାରିଲେଣି । ମୁଖ୍ୟମନ୍ତ୍ରୀଙ୍କ ନାମରେ ପରଦା ପଛରେ ରହି କ୍ଷମତା ଭୋଗ କରୁଥିବା ବ୍ୟକ୍ତିମାନେ ଓଡିଶାରୁ ଲୁଣ୍ଠନ କରିଚାଲିଛନ୍ତି । ମୋଦିଜୀଙ୍କ ବିକାଶ ଧାରାରେ ଓଡିଶାବାସୀ ଲାଭବାନ୍ ହେବେ । କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସିଧା ସିଧା ଲୋକମାନଙ୍କ ନିକଟରେ ପହଂଚିବା ଏବଂ ପ୍ରତ୍ୟେକ ଚାଳ ଘରେ ଥିବା ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ୍ ହେବା ନିମନ୍ତେ କହିଥିଲେ ଏବଂ ଆଗାମୀ ଦିନରେ ଓଡିଶାରେ ଭାରତୀୟ ଜନତା ପାର୍ଟି ସରକାର କରି ଓଡିଶାକୁ ପ୍ରଗତିର ମାର୍ଗରେ ଶୀର୍ଷ ସ୍ତରରେ ପହଂଚିବ । କିଶୋର ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ ଯେ ମୋଦିଜୀଙ୍କ କେନ୍ଦ୍ରାପଡା ଗସ୍ତ ଏକ ଐତିହାସିକ ଏବଂ ଅବିସ୍ମରଣୀୟ ଦିନ ହୋଇରହିବ । କେନ୍ଦ୍ରାପଡା ବିଜେଡି ସରକାରର ଆକ୍ରୋଶ ଏବଂ ଆକ୍ରମଣାତ୍ମକ ହିଂସା ମନୋବୃତି ଆଜି ପଦାରେ ପଡିଛି । ବିଜେପିର ପୋଷ୍ଟର ଚିରି ସେମାନେ ବାହୁବଳୀ ହେବାକୁ ଚାହୁଁଛନ୍ତି । କେନ୍ଦ୍ରାପଡାବାସୀ ତାହା ଜାଣିସାରିଲେଣି ଆଗାମୀ ନିର୍ବାଚନରେ ସାଧାରଣ ଜନତା ଜନାର୍ଦ୍ଦନ ତାହାର ଉଚିତ୍ ଜବାବ ଦେବେ।

# ଅଂଶୁଘାତରେ ଯୁବକର ମୃତ୍ୟୁ ଅଭିଯୋଗ

ସୁବର୍ଣ୍ଣପୁର, ୩୧/୫ (ନି.ପ୍ର): ବିନିକା ରାମପୁର ମୁଖ୍ୟ ରାସ୍ତାର ଘାଟି ଜାମପାଲି ଗ୍ରିଡ୍ ନିକଟରେ ଆଜି ସକାଳେ ଜଣେ ବ୍ୟକ୍ତି ସାଇକେଲରୁ ପଡ଼ି ମୃତ୍ୟୁ ବରଣ କରିଥିବା ଜଣା ପଡ଼ିଛି। ମୃତକ ଜଣକ ହେଲେ ବିନିକା ଥାନା ସିଂଘିଯୁବ। ପଂଚାୟତ କମିର ଗ୍ରାମର ପ୍ରଶନ୍ନ ବାବୁ(୪୫)। ସୂଚନା ଅନୁସାରେ ସବୁଦିନ ପରି ଆଜି ସକାଳ ୭.୩୦ ଘଂଟା ସମୟରେ ପ୍ରସନ୍ନ ବିଶାଳପାଲି ସ୍ଥିତ ଉମା ବିଷ୍ଣୁ ରାଇସ ମିଲକୁ କାମ କରିବାକୁ ଯାଉଥିବା ବେଳେ ଜକ୍ଷମପାଲି ଗ୍ରୀଡ ନିକଟରେ ହଠାତ୍ ସାଇକେଲରୁ ପଡ଼ିଯାଇଥିଲେ। ଖବର ପାଇ ମିଲ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ପ୍ରଶନ୍ନଙ୍କୁ ଚିକିତ୍ସା ପାଇଁ ବିନିକା ଡାକ୍ତରଖାନାରେ ଭର୍ତି କରିଥିଲେ। ଡାକ୍ତର ଦେଖିବା ମାତ୍ରେ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ପ୍ରଶାନ୍ତ ବାବୁ ନିଜ ଭାଇ ଅଂଶୁଘାତରେ ପଡ଼ି ମୃତୁବରଣ କରିଥିବା ନେଇ ବିନିକା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ୍ ଡାକ୍ତରଖାନାରେ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତକ୍ଷନ୍ତର କରିଛି। ପ୍ରକାଶ ଥାଉକି ମୃତ ପ୍ରଶନ୍ନ ଜଣେ ଗରିବ ବ୍ରାହ୍ମଣ ଓ ପରିବାରର ମୁଖ୍ୟ ଅଟନ୍ତି। ସେ ମିଲରେ ରନ୍ଧଣିଆ ଭାବରେ କାମ କରି ପରିବାର ପରି ପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ତାଙ୍କ ଦୁଇ ଝିଅ ଓ ପତ୍ନୀ ବେସାହାରା ହୋଇପଡ଼ିଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅଂଚଳବାସୀଙ୍କ ତରରୁ ଦାବୀ ହେଇଛି ହେଉଛି।

# ଯୁକ୍ତ ୨ କଳାରେ ବ୍ଲକ୍ ଟପ୍ପର୍ ବି. ଦୀପିକାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ଖୋର୍ଦ୍ଧା/ଟାଙ୍ଗି, ୩୧/୫ (ନି.ପ୍ର): ଗତ ୨୬ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ଚଳିତ ବର୍ଷ ମଧ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ତେବେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ୍ ରତନପୁର ଗ୍ରାମର ମାତା ବି. ମଞ୍ଜୁଲା ନାଇଡୁ ଓ ପିତା ବି. ମନୋଜ କୁମାର ନାଇଡୁଙ୍କ ଏକମାତ୍ର କନ୍ୟା ବି. ଦୀପିକା ନାଇଡୁ। ଏଥର ସମସ୍ତଙ୍କୁ ପଛରେ ପକାଇ ବ୍ଲକ୍ ଟପ୍ପର୍ ହୋଇଛନ୍ତି । ଏହି ଖବର ପ୍ରସାରିତ ହେବା ପରେ ଦୀପିକାଙ୍କ ନିକଟକୁ ବିଭିନ୍ନ ମହଲରୁ ପ୍ରଶଂସା ସୁଅ ଛୁଟିବାର ଲାଗିଛି। ଦୀପିକା ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ଅଧ୍ୟୟନ କରୁଥିଲେ। ତେବେ ଦୀପିକା ସମୁଦାୟ ୬୦୦ ନମ୍ବରରୁ ୫୦୯ ମାର୍କ (୮୪.୮୩%) ରଖି ଉକ୍ତ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ସେ ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଟାଙ୍ଗି ବ୍ଲକ୍ ରେ ମଧ ପ୍ରଥମ ଅଧିକାର କରିଥିବାର ବିଦ୍ୟାଳୟ ସୂତ୍ରରୁ ପ୍ରକାଶ। ସୂଚନା ଥାଉକି ସେ ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ରୀ ହୋଇଥିବା ବେଳେ ଦଶମ ଶ୍ରେଣୀରେ ମଧ ଶତକଡା ୯୧ ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ପିତା ମାତା ସମେତ ତାଙ୍କ ଗୁରୁଜୀ ଶ୍ୟାସୁନ୍ଦର ପଟ୍ଟନାୟକ, କଲେଜ ର ସମସ୍ତ ଗୁରୁଜୀ ଗୁରୁମା ଓ ସହପାଠୀଙ୍କୁ ଶ୍ରେୟ ଦେଇଛନ୍ତି। ଏଥିପାଇଁ ରତନପୁରବାସୀ, କଲେଜର ସମସ୍ତ କର୍ମକର୍ତା ଓ ନିରାକାରପୁରସ୍ଥିତ ଚାଣକ୍ୟ କୋଚିଙ୍ଗ ସେଂଟର୍ ଗର୍ବ ଅନୁଭବ କରିଥିବା ବେଳେ ତାଙ୍କର ଉତୋରତର ଉନ୍ନତି କାମନା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୬ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୩୧/୫ (ନି.ପ୍ର): ପୂର୍ବତଟ ରେଳପଥ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୬ ଯୋଡା ଟ୍ରେନ୍ କୁ ବାତିଲ ରଖିବାକୁ ନିଷ୍ପତି ହୋଇଛି । ଏହାସହ କିଛି ଟ୍ରେନ୍ ର ମାର୍ଗ ପରିବର୍ତନ କରାଯାଇଥିବା ବେଳେ ଆଉ କିଛି ଟ୍ରେନ୍ ର ସମୟକୁ ପୁନର୍ନିର୍ଦ୍ଧାରଣ କରାଯାଇଛି। ଢ଼େଙ୍କାନାଳ ଷ୍ଟେସନ ଠାରେ ଢ଼େଙ୍କାନାଳ ଓ ଶଦାସିବପୁର ରେଳ ଷ୍ଟେସନ ମଧ୍ୟରେ ୩ ୟ ଏବଂ ୪ ର୍ଥ ଲାଇନର କାର୍ଯ୍ୟକ୍ଷମ କାମ ଚାଲିଛି। ସେହିପରି ସରଳା ଷ୍ଟେସନରେ ସମ୍ବଲପୁର-ଝାରସୁଗୁଡା ରେଳ ସେକ୍ସନରେ ମାଲବାହୀ ଟ୍ରେନ୍ ପରୀକ୍ଷା ଲାଇନର କାର୍ଯ୍ୟକ୍ଷମ , ସମ୍ବଲପୁର ଏବଂ ଓ୍ୱାଲଟିୟର ରେଳ ମଣ୍ଡଳ ପରିସୀମା ମଧ୍ୟରେ ବ୍ରିଜ୍ ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ଯାତ୍ରୀ ପରିବହନ କରୁଥିବା କିଛି ଟ୍ରେନ୍ ପ୍ରଭାବିତ ହେବ ଯାହା ଫଳରେ କିଛି ଟ୍ରେନକୁ ବାତିଲ୍ କରାଯାଉଥିବାବେଳେ କିଛି ଟ୍ରେନର ମାର୍ଗ ପରିବର୍ତନ, ସମୟ ପୁନଃ ନିର୍ଧାରଣ ଓ ମାର୍ଗରେ କିଛି ସମୟ ପାଇଁ ନିୟନ୍ତ୍ରଣ କରାଯିବ । ୧୮୧୨୫/୧୮୧୨୬ ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ୩୦ ମଇ ରୁ ୧୪ ଜୁନ୍ ମଧ୍ୟରେ ରାଉରକେଲା ଠାରୁ ଏବଂ ୩୧ ମଇ ରୁ ୧୫ ଜୁନ୍ ମଧ୍ୟରେ ପୁରୀରୁ ବାତିଲ ରହିବ। ୦୮୪୧୪/୦୮୪୧୩ ପୁରୀ-ତାଳଚେର-ପୁରୀ ପାସେଞ୍ଜର ସ୍ପେସିଆଲ ୩୦ ମଇରୁ ୫ ଜୁନ୍ ମଧ୍ୟରେ ପୁରୀରୁ ଏବଂ ୩୧ ମଇରୁ ୬ ଜୁନ୍ ମଧ୍ୟରେ ତାଳଚେର ଠାରୁ ବାତିଲ୍ ରହିବ। ୦୭୪୭୧/୦୭୪୭୦ ପାଲାସା-ବିଶାଖାପାଟନମ୍-ପାଲାସା ପାସେଞ୍ଜର ସ୍ପେଶାଲ ୩୧.୦୫.୨୦୨୪ ଦିନ ଉଭୟ ଦିଗରୁ ବାତିଲ୍ ରହିବ । ୦୮୧୬୯/୦୮୧୭୦ ଏବଂ ୦୮୧୭୧/୦୮୧୭୨ ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ପାସେଞ୍ଜର ସ୍ପେଶାଲ ୭ ଜୁନ୍ ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ ରହିବ। ୦୮୨୬୪/୦୮୨୬୩ ବିଳାସପୁର-ଟିଟିଲାଗଡ-ବିଳାସପୁର ପାସେଞ୍ଜର ସ୍ପେଶାଲ ବିଳାସପୁରରୁ ୭ ରୁ ୧୪ ଜୁନ୍ ମଧ୍ୟରେ ଏବଂ ଟିଟିଲାଗଡରୁ ୮ ରୁ ୧୫ ଜୁନ୍ ମଧ୍ୟରେ ବାତିଲ ରହିବ। ୦୮୨୭୭/୦୮୨୭୮ ଟିଟିଲାଗଡ-ରାୟପୁର-ଟିଟିଲାଗଡ ପାସେଞ୍ଜର ସ୍ପେଶାଲ ଟିଟିଲାଗଡରୁ ୭ ରୁ ୧୪ ଜୁନ୍ ମଧ୍ୟରେ ଏବଂ ରାୟପୁରରୁ ୮ ରୁ ୧୫ ଜୁନ୍ ମଧ୍ୟରେ ବାତିଲ ରହିବ। ସେହିପରି ୧୮୧୯୦/୧୮୧୮୯ ଏର୍ଣ୍ଣାକୁଲମ୍-ଟାଟା-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍ ୬ ରୁ ୧୨ ଜୁନ୍ ମଧ୍ୟରେ ଏର୍ଣ୍ଣାକୁଲମ୍ ଠାରୁ ଏବଂ ୭ ଜୁନ୍ ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଟାଟା ଠାରୁ ଚଳାଚଳ କରିବାକୁ ଥିବା ଟ୍ରେନ ଏହାର ନିର୍ଦ୍ଧାରିତ ପଥ ବିଜୟନଗରମ-ଟିଟିଲାଗଡ-ଝାରସୁଗୁଡା ମାର୍ଗ ପରିବର୍ତେ ଜାରୋଲି-ଜଖପୁରା-କଟକ-ଖୋର୍ଦ୍ଧା ରୋଡ୍-ବିଜୟନଗରମ୍ ମାର୍ଗ ଦେଇ ଉଭୟ ପାର୍ଶ୍ୱରୁ ଚଳାଚଳ କରିବ । ୦୬୦୯୦ ସାନ୍ତ୍ରାଗଛି-ତାମ୍ବରମ୍ ଏକ୍ସପ୍ରେସ୍ ୩୦ ମଇ ଦିନ ସାନ୍ତ୍ରାଗଛିରୁ, ୨୦୮୯୬ ଭୁବନେଶ୍ୱର-ରାମେଶ୍ୱରମ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ୩୧ ମଇ ଦିନ, ୦୬୨୨୨ ମୁଜାଫରପୁର-ମହୀଶୂର ସ୍ପେଶାଲ ମୁଜାଫରପୁରରୁ ୩୦ ମଇ ଦିନ, ୦୬୧୦୪ ଦ୍ୱିବ୍ରୁଗଡ଼-ନ୍ୟୁ-ନାଗରକୋଏଲ ସ୍ପେଶାଲ ଦ୍ୱିବ୍ରୁଗଡ଼ ଠାରୁ ୨୯ ମଇ ଦିନ, ୦୯୦୬୦ ବ୍ରହ୍ମପୁର-ସୁରଟ ସ୍ପେଶାଲ ବ୍ରହ୍ମପୁର ଠାରୁ ୩୧ ମଇ ଦିନ, ୨୦୯୧୭ ଇନ୍ଦୋର-ପୁରୀ ଏକ୍ସପ୍ରେସ ଇନ୍ଦୋରରୁ ୧୧ ଜୁନ୍ ଦିନ, ୧୫୦୨୮ ଗୋରଖପୁର-ସମ୍ବଲପୁର ଏକ୍ସପ୍ରେସ ଗୋରଖପୁରରୁ ୬ ରୁ ୧୩ ଜୁନ୍, ୨୨୮୪୦ ଭୁବନେଶ୍ୱର-ରାଉରକେଲା ଏକ୍ସପ୍ରେସ ୪ ଜୁନ୍ ରେ ଭୁବନେଶ୍ୱର ଠାରୁ ଛାଡିବାକୁ ଥିବା ଟ୍ରେନ ଗୁଡିକ ଉତ୍ପତି ଷ୍ଟେସନ ମାନଙ୍କ ଠାରୁ ସର୍ବନିମ୍ନ ଏକ ଘଣ୍ଟାରୁ ସର୍ବାଧିକ ଦୁଇ ଘଣ୍ଟା ୩୦ ମିନିଟ୍ ମଧ୍ୟରେ ସମୟରେ ପୁନଃ ନିର୍ଧାରଣ କରାଯିବ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ରୂପସା , ୩୧/୫ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ର ୭୨ ତମ ଶୁଭ ଜନ୍ମଦିନ,ମୁନି ସମାଜର ଜ୍ୟୋତି,ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚ ପରିଚାଳନା କରିଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ।ମଞ୍ଚାସୀନ ଥିଲେ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା, ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ, ଆଶ୍ରମର ସ୍ଥାୟୀ ସଭାପତି ଆତ୍ମଜ୍ଞାନୀ ମୁନିରାଜ ସୁଧାକର ଗିରି ମହୋଦୟ,ଆଶ୍ରମର ପୂର୍ବତନ ସଭାପତି ମୁନିରାଜ ପୂର୍ଣ୍ଣଚନ୍ଦ୍ର ପରିଡ଼ା ମହୋଦୟ, ମୁନିରାଜ ସୁବଳ ବଡେଇ ମହୋଦୟ ଏବଂ ଆଶ୍ରମର ଉପାଧକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା । ଜନ୍ମଦିନ ପାଳନ ଉପଲକ୍ଷେ ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିରାଜ୍ଞୀ ବିମଳା ଲେଙ୍କା ପ୍ରମୁଖ ।ଉପସ୍ଥିତ ଥିଲେ,ମୁନିମତୀ ଶକୁନ୍ତଳା ପରିଡ଼ା,ମୁନିମତୀ ଯମୁନା ପାତ୍ର, ମୁନିମତୀ ଜୟନ୍ତୀ ଗିରି, ମୁନିମତୀ ସରସ୍ୱତୀ ନନ୍ଦ, ମୁନି ମତୀ ଜାହ୍ନବୀ ଗିରି, ମୁନିମତୀ କୁନି ମାଝୀ, ମୁନିମତୀ ଉର୍ମିଳା ରାଉଳ, ମୁନିମତୀ ପୂର୍ଣ୍ଣିମା ବର, ମୁନିମତୀ ନୀନ ସାହୁ,ମୁନି ରଘୁନାଥ ବେହେରା, ମୁନି ଗଣେଶ୍ୱର ବର ଏବଂ ମୁନିକୁମାରୀ ମିନତୀ ଦଳାଇ, ମୁନି କୁମାର ତ୍ରୀସାନ୍ ପ୍ରମୁଖ ।ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ୍ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କୁ, ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଯେଉଁ ପରିବାର ମୁନି ପରିବାର,ସେ ପରିବାର ବୈକୁଣ୍ଠ ସମାନ ।ସର୍ବଦା ସୁଖ ଶାନ୍ତି ଆନନ୍ଦର ଝରଣା ସେଠାରେ ଝରୁଥାଏ ।ଏ ହେଉଛି ଭିକାରି ବାବୁଙ୍କ ପରିବାର ର ଉଦାହରଣ ।ସେଠାରେ ଆନନ୍ଦର ଝରଣା ସର୍ବଦା ଝରୁଥାଏ ।ତାଙ୍କ ଘରକୁ ଯେ କେହି ଜଣେ ଗଲେ,ସେ ଖାଲି ପାଟିରେ କେବେ ଫେରି ନ ଥାଏ ।ଶେଷରେ ସହଧର୍ମିଣୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ୨୨ ଦିନରେ ଫୁଲବାଣୀ ମା' ନାରାୟଣୀଙ୍କ ଯାତ୍ରା : ଭଜନ ସନ୍ଧ୍ୟାରେ କମ୍ପିଲା ଯାତ୍ରା ପଡିଆ

କନ୍ଧମାଳ, ୩୧/୫ (ନି.ପ୍ର): ଫୁଲବାଣୀର ଆରାଧ ଦେବୀ ମା ନାରାୟଣୀ ଠାକୁରାଣୀଙ୍କ ୨୬ ତମ ଯାତ୍ରାର ଆଜି ଦ୍ୱାବିଂଶ ତମ ଦିବସରେ ଠାକୁରାଣୀ ଯାତ୍ରା ପଡିଆରେ ଭାବ ଓ ଭକ୍ତିମୟ ପରିବେଶ ଭିତରେ ଆଚ୍ଛନ୍ନ ହୋଇ ଯାଇଥିଲା। ପଂଚଦେବୀ ପଂଚ ଠାକୁରାଣୀଙ୍କର ଗୁରୁବାର ବିଶ୍ରାମ ଦିବସ ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଆୟୋଜିତ ଆଳତୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସ୍ଥାୟୀ ନାରାୟଣୀ ମନ୍ଦିରରୁ ଏକ ସ୍ୱତନ୍ତ୍ର ପଟୁଆରରେ ଆଳତୀ ବାହିନୀ ଆସି ମା ଙ୍କର ଆଳତୀ କରିଥିଲେ। ଭାବ ଓ ଭକ୍ତିମୟ ପରିବେଶ ଭିତରେ ହଜାର ହଜାର ଶ୍ରଦ୍ଧାଳୁ ମା ଙ୍କର ଦର୍ଶନ ସହ କରୁଣା ଲାଭ କରିଥିଲେ।

ଆଳତୀ କାର୍ଯ୍ୟକ୍ରମ ପରେ ପରେ ପୂଜା ମଣ୍ଡପରେ ଘୁ ଉଦୟଗିରିର ଜଗନ୍ନାଥ ଭଜନ ସମିତି ତରଫରୁ ଭଜନ ପରିବେଷଣ ସ୍ଥାନୀୟ ପରିବେଶକୁ ବେଶ ଭାବ ଗମ୍ଭୀର କରିଥିଲା। ସବୁଦିନ ଭଳି ଆଜି ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସାଇରାମ ପାତ୍ର ଓ ତାଙ୍କ ମା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲା ବେଳେ ପଂଚ ଠାକୁରାଣୀଙ୍କ ମାର୍ଗଦର୍ଶକ ତଥା ମା କାଳୀ ସେବକ ଛତ୍ର ତରସ ଧରୁଥିବା ସେବକ ମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ସଂଯୋଜକ ଅଶୋକ ମହାନ୍ତିଙ୍କ ସଂଯୋଜନାରେ ସଭାପତି ପି. ସୁଧାଂଶୁ ସେନାପତି, ଉପସଭାପତି ସୁଜିତ କୁମାର ବେହେରା, ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଭି ଲୋକନାଥ ରାଜୁ, ସମେତ ଯାତ୍ରା ପରିଚାଳନା ସମିତିର କର୍ମକର୍ତା ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦ୍ୱିପହରରେ ଯୁବ ବ୍ୟବସାୟୀ ପ୍ରଶାନ୍ତ ସେନାପତିଙ୍କ ଦ୍ୱାରା କୋଲ୍ଡ ଡ୍ରିଂକ୍ସ ବଣ୍ଟନ କାର୍ଯ୍ୟକ୍ରମ ଶହ ଶହ ଲୋକଙ୍କ ତୃଷା ନିବାରଣରେ ସାହାର୍ଯ୍ୟ ହୋଇଥିଲା । ସେପଟେ ହାଇସ୍କୁଲ ପଡିଆରେ ପଡ଼ିଥିବା ମିନା ବଜାରରେ ପ୍ରବଳ ଭିଡ଼ ହେବା ସହ ଆଗାମୀ ଦିନରେ ବହୁ ମେଗା କାର୍ଯ୍ୟକ୍ରମ ହେବ ବୋଲି ସାଂସ୍କୃତିକ ସମ୍ପାଦକ ସୂଚନା ଦେଇଛନ୍ତି ।

# ପୁନର୍ବାସ ପକ୍ଷରୁ ବ୍ରେଲ୍ ଭୋଟର ସଚେତନତା କର୍ମଶାଳା

କେନ୍ଦ୍ରାପଡ଼ା, ୩୧/୫ (ନି.ପ୍ର): ଭିନ୍ନକ୍ଷମ ବର୍ଗ ଭୋଟରଙ୍କ ମତଦାନ ପ୍ରକ୍ରିୟାରେ ପୂର୍ଣ୍ଣ ଅଂଶଗ୍ରହଣ ପାଇଁ ଚଳିତ ନିର୍ବାଚନକୁ ଅଧିକ ସୁଗମ ଓ ବ୍ୟାପକ ଅନୁକୂଳ ବ୍ୟବସ୍ଥା ଅବଲମ୍ବନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦୃଷ୍ଟି ବାଧିତ ଭୋଟରମାନଙ୍କ ଅବଗତି ଉଦ୍ଦେଶ୍ୟରେ ଏକ - 'ବ୍ରେଲ୍ ଭୋଟର ସଚେତନତା କର୍ମଶାଳା' ପୁନର୍ବାସ ଥେରାପି କେନ୍ଦ୍ରରେ ବୁଧବାର ଆୟୋଜନ କରାଯାଇଥିଲା । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନନ୍ଦକିଶୋର ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. କୁଳମଣି ବରାଳ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବିରେନ୍ଦ୍ର କୁମାର ଦାସ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, କେନ୍ଦ୍ରାପଡ଼ା ମଣ୍ଡଳ ସାମାଜିକ ଅଧିକାରିଣୀ ସୁଦୀପ୍ତା ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ଓ ଦୃଷ୍ଟିବାଧିତ ଶିକ୍ଷକ ନୃସିଂହ ଚରଣ ବେହେରା ଯୋଗଦେଇ ଏହି କର୍ମଶାଳା ଓ ପ୍ରଦାନ କରାଯାଇଥିବା ଭୋଟଦାନ ସହାୟକ ବ୍ରେଲ୍ ପୁସ୍ତିକାଟି ଦୃଷ୍ଟି ବାଧିତମାନଙ୍କୁ ମତଦାନ ପ୍ରକ୍ରିୟାରେ ଉପଲବ୍ଧ ସୁବିଧା ସମ୍ପର୍କରେ ଅବଗତ କରାଇବା ସହିତ ସ୍ୱାଧୀନ ଭାବେ ମତଦାନ କରିବାକୁ ସୁଗମ କରିବ । ଏହି ପୁସ୍ତକରେ ସକ୍ଷମ ଆପ୍, ଭୋଟଦାନ ପଦ୍ଧତି ବିଷୟରେ ବ୍ରେଲ ଲିପିରେ ସୂଚନା ପ୍ରଦାନ କରାଯାଇଛି। ଏହି କର୍ମଶାଳାରେ ଦୃଷ୍ଟି ବାଧିତ ଅଧ୍ୟାପିକା ସସ୍ମିତା ଅଧିକାରୀ, ଅରୁଣ କୁମାର ବେହେରା, ବଟକୃଷ୍ଣ ବାରିକ, ରାହୁଲ ପାତ୍ର, ଅକ୍ଷନନ୍ଦ କୁମାର ନାଥ ଆଦି ଜିଲ୍ଲାର ବିଭିନ୍ନ ଅ ଳରୁ ୧୩ଜଣ ଦୃଷ୍ଟିବାଧିତ ଭୋଟର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପୁନର୍ବାସର ସଭ୍ୟ ବଂଶୀଧର ମହାନ୍ତି, ଜ୍ୟୋତିରଞ୍ଜନ ନାୟକ, ଶିବପ୍ରସାଦ ସାମଲ, ଶେଷଦେବ ଦାସ, କ୍ଷୀରୋଦ କର, କାଉନସିଲର ସଂଜୀବ ଜେନା ପ୍ରମୁଖ ସଂଯୋଜନା କରିଥିଲେ। ପରିଶେଷରେ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ରଞ୍ଜନ ସ୍ୱାଇଁ, ମିହିର ରଞ୍ଜନ ବାରିକ, ଦୀପକ ସାହୁ ପ୍ରମୁଖ ସହାୟତା କରିଥିଲେ।

# ଆଖୁ ରସ ପିଉଥିଲେ ଅବସରପ୍ରାପ୍ତ ଶିକ୍ଷକ: ଲୁଟ୍ ହୋଇଗଲା ୬୦ ହଜାର ଟଙ୍କା

ଗଞ୍ଜାମ, ୩୧/୫ (ନି.ପ୍ର): ଆଖୁ ରସ ପିଉଥିବା ବେଳେ ଲୁଟ୍ର ଶିକାର ହୋଇଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ। ଲୁଟେରା ତାଙ୍କଠାରୁ ନେଇଯାଇଛନ୍ତି ୬୦ ହଜାର ଟଙ୍କା। ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ପୁଞ୍ଜିକୟାଁ ଛକରେ। ଲୁଟ୍ର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକଙ୍କ ନାଁ ଭୂଷଣ ପ୍ରଧାନ। ଆଜି ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ଦିଗପହଣ୍ଡି ସ୍ଥିତ ଏକ ବ୍ୟାଙ୍କରୁ ସେ ୬୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଟଙ୍କାକୁ ଏକ ବ୍ୟାଗରେ ରଖି ସେ ତାଙ୍କ ବାଇକର ହ୍ୟାଣ୍ଡେଲରେ ଝୁଲାଇ ଦେଇଥିଲେ। ଘରକୁ ଫେରୁଥିବା ବେଳେ ଶୋଷ ଲାଗିବାରୁ ଭୂଷଣ ପ୍ରଧାନ ବାଟରେ ଆଖୁ ରସ ପିଇବା ପାଇଁ ଅଟକି ଥିଲେ। ସେ ବାଇକ୍ ରଖି ଦୋକାନୀଙ୍କୁ ଆଖୁ ରସ ମାଗିଥିଲେ। ଆଖୁ ରସ ପିଇ ଫେରିଲା ବେଳକୁ ବାଇକ୍ରେ ତାଙ୍କ ଟଙ୍କା ବ୍ୟାଗଟି ନଥିଲା। ବାଇକ୍ଟି ତାଙ୍କଠାରୁ ବେଶି ଦୂରରେ ମଧ୍ୟ ନଥିଲା। ତେବେ ସେ ବାଇକକୁ ପଛ କରି ଆଖୁ ରସ ପିଇବା ମଧ୍ୟରେ କେହି ଟଙ୍କା ଭର୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା। ଭୂଷଣ ପ୍ରଧାନ ଏହି ଘଟଣା ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ଯାଞ୍ଚ କରିଛି। ପୁଲିସ୍ ଘଟଣାର ତଦନ୍ତ କରୁଛି।

# ରକ୍ଷା ପାଆନ୍ତୁ ଏମାନଙ୍କ ଦାଉରୁ







- ଅଣ୍ଡାର ଖୋଳପାକୁ କିଛି ଉଚ୍ଚରେ ରଖିବା ଦ୍ୱାରା ଅଣ୍ଡା ଗନ୍ଧରେ ଝିଟିପିଟି ଦୂରକୁ ପଳାନ୍ତି

- ମାଛିରୁ ରକ୍ଷା ପାଇବା ପାଇଁ ଚାହୁଁଥିଲେ ଘରର କବାଟକୁ ସବୁବେଳେ ବନ୍ଦ ରଖନ୍ତୁ। ତଥାପି ଘରେ ଯଦି ମାଛି ହେଉଛନ୍ତି, ତେବେ ସୁଗନ୍ଧିତ ତୈଳରେ ଏକ କପଡ଼ା ବୁଡ଼ାଇ ଘର କବାଟରେ ଟଙ୍ଗାଇଲେ ଘରେ ମାଛି ପଶିବେ ନାହିଁ।

- ପିଆଜ ରସ ହେଉଛି ଓଡ଼ଶ ମାରିବାର ଏକଭଲ ଉପାୟ। ପିଆଜ ରସ ଗନ୍ଧରେ ସେମାନଙ୍କ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଏ ଏବଂ ସେମାନେ ବହୁତ ଜଲଦି ମରିଯାଆନ୍ତି।

- କାରପଟେ ତଳେ ଲିମ୍ବ ପତ୍ରରଖନ୍ତୁ। କାରଣ ଏପରି କରିବା ଦ୍ୱାରା କୀଟପତଙ୍ଗ ଘରକୁଆସିବେ ନାହିଁ।

- ଅସରପା ଦୂର କରିବା ପାଇଁ କୌଣସି ବିଷାକ୍ତରସାୟନ ବ୍ୟବହାର କରିବା ପରିବର୍ତ୍ତେ ଆପଣ ଘରକୁ ନିୟମିତ ବ୍ୟବଧାନରେ ସଫା କରିବା ଉଚିତ।

# ସ୍ଲିମ ରଖିବ ଉତ୍ଥାନପାଦାସନ



ପ୍ରତ୍ୟେକ ମହିଳା ସୁସ୍ଥ ଓ ପତଳା (ସ୍ଲିମ୍) ରହିବାକୁ ଚାହାଁନ୍ତି। ଏଣୁ ବିଭିନ୍ନ ଉପାୟ ଆପଣାନ୍ତି। ଉ ାନପାଦାସନ ଏପରି ଏକ ରୋଗ ଯାହାକୁ ଆପଣାଇ ମହିଳାମାନେ ସୁସ୍ଥ ଓ ସ୍ଲିମ ହୋଇପାରିବେ। ଯୋଗ ଶିକ୍ଷୟିତ୍ରୀ ସ୍ମିତା ଦାସଙ୍କ ଠାରୁ ଏହାର ପ୍ରଣାଳୀ ଓ ଉପାଦେୟତା ସମ୍ପର୍କରେ ଆସନ୍ତୁ ସବିଶେଷ ଜାଣିବା....

**ଉପକାର:** ଉତ୍ଥାନପାଦାସନ କରିବା ଦ୍ୱାରା ଶରୀରର ନିମ୍ନ ଭାଗରେ ଲାଭ ହୋଇଥାଏ।

- ଅମ୍ଳ, ବଦହଜମି ଓ କୋଷ୍ଠକାଠିନ୍ୟ ଦୂର ହୁଏ।
- ପେଟର ମାଂସପେଶୀ ଶକ୍ତହୁଏ।
- ପିଠି, ନିତମ୍ବ ଓ ଂଘର ମାଂସପେଶୀ ଶକ୍ତହୁଏ।
- ଅଂଟା ଯନ୍ତ୍ରଣା ଦୂରହୁଏ
- ଓଜନ ହ୍ରାସ ହୁଏ।
- ପେଟରୁ ଚର୍ବି କମିଯାଏ।

ମଧୁମେହ ରୋଗ ଦୂରହୁଏ।

-ଜନେନନ୍ଦ୍ରୀୟର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୁଏ।

**ଆସନ ପ୍ରଣାଳୀ:**

-ପ୍ରଥମେ ପିଠିକୁ ତଳେ ଲଗାଇ ଶୋଇଯାଆନ୍ତୁ। ଦୁଇଗୋଡ଼କୁ ଯୋଡ଼ି ଦିଅନ୍ତୁ।

- ହାତକୁ ଦୁଇପଟରେ ଲଗାନ୍ତୁ। ପାପୁଲିଭୂମିରେ ଲାଗିବ।

-ଧୀରେ ଧୀରେ ପାଶ୍ୱାସ ନେବା ସହିତ ଗୋଡ଼କୁ ଉପରକୁ ଉଠାନ୍ତୁ।

- ଏହି ଅବସ୍ଥାରେ (୧୫-୨୦ସେକେଣ୍ଡ) ରହନ୍ତୁ।

- ନିଶ୍ୱାସ ଛାଡ଼ିବା ସହିତ ଗୋଡ଼କୁ ତଳକୁ ଆଣନ୍ତୁ। ଏହିପରି ପ୍ରତିଦିନ ଦିନକୁ ୪-୫ଥର କରନ୍ତୁ।

**ବିଶେଷ ଦ୍ରଷ୍ଟବ୍ୟ:**

- ଗର୍ଭବତୀ ମହିଳା ଏହି ଆସନ କରିବେ ନାହିଁ।
- ପେଟରେ ଅସ୍ତ୍ରୋପଚାର କିମ୍ବା ଅଲସର ହୋଇଥିଲେ କରିବେ ନାହିଁ।
- ଋତୁସ୍ରାବ ସମୟରେ ଏହି ଆସନ କରିବେ ନାହିଁ।
- ଯୋଗ ଟ୍ରେନରଙ୍କ ତତ୍ତ୍ୱାବଧାନରେ ଏହି ଆସନ ଆରମ୍ଭ କରିବା ଦରକାର।

# କୁମ୍ଭୀରଙ୍କ ସହ ମହିଳାଙ୍କ ବନ୍ଧୁତା



ଖୁବ କମ ଲୋକେ ଭିନ୍ନ ଭିନ୍ନ ପ୍ରତିଭା ସହ ଜନ୍ମ ନେଇଥାନ୍ତି। ବିଷଧର ତଥା ଭୟଙ୍କର ସରୀସୃପଙ୍କ ସହ ଜୀବନ ଅତିବାହିତ କରିବା ପ୍ରକୃତରେଏକ ପ୍ରକାର ପ୍ରତିଭା ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲୀୟ ମହିଳା ଜିନି ସୋଇ ଗତ ୧୧ବର୍ଷ ହେଲା ଏକ କୁମ୍ଭୀର ସହ ରହିଆସୁଛନ୍ତି। ନିଜ ସନ୍ତାନ ପରି କୁମ୍ଭୀରଟିକୁ ସେ ପାଳିଥିବାର ଏକ ସାକ୍ଷାତକାରରେ କହିଥଲେ। କୁମ୍ଭୀରର ନାମ ସେ 'କ୍ରୋକୋ' ରଖିଛନ୍ତି। କୁମ୍ଭୀରଟି ତାଙ୍କ ଘରେ ଅବାଧରେ ପ୍ରତ୍ୟେକ ସ୍ଥାନରେ ବିଚରଣ କରିଥାଏ। ୧୧ବର୍ଷ ମଧ୍ୟରେ କ୍ରେକୋ ତାଙ୍କୁ ଥରଟିଏ ହେଲେ ଆକ୍ରମଣ କରିନାହିଁ। ନିୟମିତ ଖାଦ୍ୟ ଭାବେ ସେ ୨ଲିଟର କ୍ଷୀର, ସିଝାଅଣ୍ଡା ଓ ୪କିଲୋମାଂସ ଓ ପନିପରିବା ମଧ୍ୟ ଖାଏ।

# ସୌନ୍ଦର୍ଯ୍ୟ ପାଇଁ ପିଆଜ



- ତ୍ୱଚାକୁ ମୁଲାୟମ କରିବା ପାଇଁ ପ୍ରତିଦିନ ପିଆଜରସ ଲଗାନ୍ତୁ।

- ପିଆଜରସରେ କେଓଲିନ ପାଉଡ଼ର, ମହୁ ଓ ମୁଲତାନୀ ମାଟି ମିଶାଇ ମହଁରେ ଲଗାଇଲେ ମୁହଁ ସତେଜ ଦିଶିଥାଏ।

- ମଲାଇରେ ପିଆଜରସ ମିଶାଇ ଲଗାଇଲେ କୁଂଚିତ ରେଖା ଦୂର ହୋଇଥାଏ।

- ନଡ଼ିଆରସ ସହ ପିଆଜରସ ମିଶାଇ ମୁହଁରେ ଲଗାଇଲେ ତ୍ୱଚା ନରମ ହେବା ସସହ ତ୍ୱଚାରେ ଥିବା ସବୁ ଦାଗ ଦୂର ହୋଇଯାଏ।

- ବ୍ରଣରେ ପିଆଜରସ ଲଗାଇଲେ ଏହା ସହଜରେ ଦୂର ହୋଇଥାଏ।



# ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍‌ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ। ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ।

ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।

ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ।

ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ।

ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ।

କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।



# ଡାଏଲିସିସ୍ କ'ଣ, କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ ଜାଣନ୍ତୁ

**କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧ୍ୟମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...**

*ଡାଏଲିସିସ୍ କ'ଣ ?*

ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧ୍ୟମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧ୍ୟମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

*ଡାଏଲିସିସ୍ କେବେ ଆବଶ୍ୟକ ?*

ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।



*ଶରୀରରେ କିଡନୀର କାମ*

ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଯ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ। ଡାଏଲିସିସ୍ ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରାଯାଏ। ଯଦି ସମସ୍ୟା ଗମ୍ଭୀର ଥାଏ, ତେବେ ବେଳେବେଳେ କିଡନୀ ପ୍ରତ୍ୟାରୋପଣ କରାଯାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସରିଲା ପ୍ରଚାର...

କମ୍ପୁଥିଲା ସାରା ଭାରତବର୍ଷ ଦୀର୍ଘ ଦେଢ଼ ମାସରୁ ସାମାନ୍ୟ ଅଧିକ ସମୟ ଧରି । ଚାଲିଥିଲା ଗଣତନ୍ତ୍ରର ମହାପର୍ବ ଅଷ୍ଟାଦଶ ଲୋକସଭା ଓ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ରୂପୀ ମହାନାଟକ ପାଇଁ ପ୍ରଚାର କାର୍ଯ୍ୟ– ସାମ୍ପ୍ରତିକ ସମୟର ଇତିହାସର ଏକ ସର୍ବାଧିକ ଦୀର୍ଘ ତଥା ତିକ୍ତତାପୂର୍ଣ୍ଣ ନିର୍ବାଚନୀ ପ୍ରଚାର। ଆଜି ଶେଷ ପର୍ଯ୍ୟାୟ ନିର୍ବାଚନ । ଯା ପରେ ନେତା ଓ ଜନତା ଅପେକ୍ଷା କରିବେ ଜୁନ୍ ୪ ତାରିଖରେ ଫଳାଫଳ ଆସିବାକୁ- ପ୍ରତ୍ୟକ୍ଷ କରିବାକୁ ଯେ ଏହି ନିର୍ବାଚନ ଏମିତି ଏକ ଫଳ ଦେବ କି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲଗାତର ତୃତୀୟ ଥର ପାଇଁ ଶାସନ ଗାଦିରେ ଅଧିଷ୍ଠିତ କରାଇବ, ଯାହା ଆଜି ପର୍ଯ୍ୟନ୍ତ କେବଳ ଜବାହାରଲାଲ ନେହରୁଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ କରିବାରେ ସକ୍ଷମ ହୋଇ ନାହାନ୍ତି ? ପୁନଶ୍ଚ, ଲୋକମାନଙ୍କ ମନୋବସ୍ଥାକୁ ଠିକ୍ ଭାବରେ ବୁଝିବାରେ ସକ୍ଷମ ହୋଇ ନଥିବାରୁ ସେମାନେ ଯଦି ବର୍ତ୍ତମାନର ଶାସକ ସାମ୍ମୁଖ୍ୟକୁ ଗଣ୍ଠିଲି ବାନ୍ଧିବାକୁ ଆଦେଶ ଦିଅନ୍ତି, ତେବେ ତାହା ମଧ୍ୟ ହେବ ଏକ ଇତିହାସ । ଏଇ ନିର୍ବାଚନ ପାଇଁ ଅନୁଷ୍ଠିତ ହୋଇଥିବା ପ୍ରଚାର କାର୍ଯ୍ୟକ୍ରମଗୁଡ଼ିକୁ ଜଣେ ଯଦି ଭଲ ଭାବରେ ଅନୁଧ୍ୟାନ କରନ୍ତି, ତା'ହେଲେ ଜାଣି ପାରିବେ ଯେ ଏଗୁଡ଼ିକରେ ଏକ ପ୍ରମୁଖ ଲକ୍ଷ୍ୟଣୀୟ ବିଷୟ ଥିଲା- ଜାତୀୟ ପ୍ରସଙ୍ଗରୁ ଆରମ୍ଭ ହୋଇ ଧୀରେ ଧୀରେ ଅତ୍ୟଧିକ-ଆଞ୍ଚଳିକ ହୋଇଯିବା, ଯାହାକି ଆଗରୁ ଏକ ବିସ୍ ଥିଲା। ୨୦୧୯ ଲୋକସଭା ନିର୍ବାଚନର ପ୍ରଚାର କାର୍ଯ୍ୟକ୍ରମଗୁଡ଼ିକରେ ଦେଶର ସୁରକ୍ଷା ଓ ସୀମାର ଅଖଣ୍ଡତା ପ୍ରମୁଖ ପ୍ରସଙ୍ଗ ହୋଇଥିବା ବେଳେ ଦୁର୍ନୀତି ଓ ଶାସନର ପରିବର୍ତ୍ତନ ଥିଲା ୨୦୧୪ ନିର୍ବାଚନ ପ୍ରଚାରର ମୁଖ୍ୟ ପ୍ରସଙ୍ଗ। କିନ୍ତୁ ଚଳିତ ଥର ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ) ଓ ଏହାର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯଦିଓ 'ମୋଦୀଙ୍କ ଗ୍ୟାରେଣ୍ଟି ସମୂହ'କୁ ନେଇ ତଥା ତୃତୀୟ ଥର ପାଇଁ ଯଦି ସେମାନେ କ୍ଷମତାକୁ ଆସନ୍ତି, ତା'ହେଲେ ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥନୀତିରେ ପରିଣତ କରିବାର ପ୍ରତିଶ୍ରୁତି ପ୍ରଦାନ ସହିତ ପ୍ରଚାର ଆରମ୍ଭ କରିଥିଲେ, ଅଧା ବାଟରେ କିନ୍ତୁ ସେମାନେ ସେହି କାର୍ଯ୍ୟସୂଚୀକୁ ଛାଡ଼ି ଦେଇଥିଲେ ଓ ପୁଣିଥରେ ଚାଲିବାକୁ ଆରମ୍ଭ କରିଥିଲେ ହିନ୍ଦୁତ୍ୱର ଶଗଡ଼ ଗୁଳାରେ। ଏବେ ଆସିବା 'ଇଣ୍ଡିଆ' ମେଣ୍ଟର ପ୍ରଚାର କାର୍ଯ୍ୟକ୍ରମ ଆଡ଼କୁ । ଏହି ମେଣ୍ଟ ହାତରେ ପ୍ରଚାର କରିବା ପାଇଁ ନା ତ ଥିଲା କୌଣସି ଜାତୀୟ ପ୍ରସଙ୍ଗ, ନା ଥିଲା କିଛି ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ । କଂଗ୍ରେସ ସମେତ ଏହାର ଅଧିକାଂଶ ଅଂଶୀଦାର ସେମାନଙ୍କ ନିଜ ନିଜର ଇସ୍ତାହାର ଧରି ପ୍ରଚାର ମଇଦାନକୁ ଓହ୍ଲାଇ ଥିଲେ। ସେକଥା ମଧ୍ୟ ଏହି ମେଣ୍ଟର ଚରିତ୍ର ସହିତ ମେଳ ଖାଉଥିଲା, କାରଣ ଏହା ଥିଲା ଏକ ଜିଲା ସଂରଚନା । ଏହାର ଅଂଶୀଦାରମାନଙ୍କ କାର୍ଯ୍ୟସୂଚୀରେ ସେମାନଙ୍କ ନିଜ ନିଜର ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକ ମୁଖ୍ୟ ସ୍ଥାନମାନ ଅକ୍ତିଆର କରିଥିଲା, ଯେହେତୁ ସେମାନଙ୍କୁ ଯାହା ଏକାଠି କରିଥିଲା, ତାହା ହେଉଛି ଗୋଟିଏ ଭୟ- ଶ୍ରୀଯୁକ୍ତ ମୋଦୀ ଯଦି ପୁଣିଥରେ କ୍ଷମତାକୁ ଆସିଯିବେ, ତା'ହେଲେ କେନ୍ଦ୍ରୀୟ ସଂସ୍ଥାମାନଙ୍କୁ ସେମାନଙ୍କ ବିରୁଦ୍ଧରେ ବ୍ୟବହାର କରାଯିବା ସହିତ ଦଣ୍ଡବିଧି ଆଇନଗୁଡ଼ିକୁ ପରବର୍ତ୍ତୀ ସ୍ତରକୁ ନିଆଯାଇପାରେ । ତେଣୁ, ଯଦିଓ ସେମାନେ ଗ୍ରାମାଞ୍ଚଳର ଦୁର୍ଦ୍ଦଶା, ବେକାରୀ ସମସ୍ୟା ଏବଂ କେନ୍ଦ୍ର ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ଯାହା ସମାଜରେ ସମ୍ପଦଜନିତ ଅସମାନତାକୁ ବଢ଼ାଇ ଚାଲିଛି ଇତ୍ୟାଦି ସମେତ ବେଶ୍ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହାତକୁ ନେଇଥିଲେ, କିନ୍ତୁ ସେସବୁରେ ବି ଆଞ୍ଚଳିକତାର ରଙ୍ଗ ଦେଇ ତାକୁ ଖୁଚୁରା ବଜାରରେ ବିକ୍ରି କଲେ। ଏବେ ଏହିସବୁ ବିକ୍ରୟ କେତେ ପ୍ରଭାବଶାଳୀ ହେଉଛି, ତାହା କେବଳ ଜଣା ପଡ଼ିବ ଜୁନ୍ ୪ ତାରିଖ ପରେ । କେହି ଯଦି କୁହନ୍ତି ଯେ ଭାରତ ବିବିଧତାର ମୂଳଦୁଆ ଉପରେ ଠିଆ ହୋଇଛି ବୋଲି ଇସି ଜାଣନ୍ତି ନାହିଁ, ତାହା କେବଳ ଅଜ୍ଞତାର ପରିଚାୟକ ହିଁ ହେବ। ପରନ୍ତୁ, ତାହା ଜାଣି ସୁଦ୍ଧା ଏହି ମୂଳଦୁଆରେ ରହିଥିବା ତ୍ରୁଟିପୂର୍ଣ୍ଣ ରେଖାଗୁଡ଼ିକ ଉପରେ ଆଘାତ କରାଗଲା, ଯାହା ଯଦିଓ ବର୍ତ୍ତମାନ ପରିସ୍ଥିତିରେ ସେପରି କିଛି ଫଳାଫଳ ଆଣିଦେଇ ନପାରେ, ତେବେ ଏହି ମୂଳଦୁଆକୁ ଦୁର୍ବଳ କରିବାରେ ଏକ ଭୂମିକା ଗ୍ରହଣ କରିବା ସହିତ କାଳକ୍ରମେ ସମ୍ପୂର୍ଣ୍ଣ ସଂରଚନାକୁ ଧୂଳିସାତ୍ କରିଦେବାର ଯେ ସମ୍ଭାବନା ରଖୁନାହିଁ, ତାହା କହିବା କଷ୍ଟକର। ମଜାର କଥା ହେଉଛି, ଏବେ ସୁଦ୍ଧା ଇସି ପ୍ରକୃତ ବିପଦ ସୃଷ୍ଟିକାରୀଙ୍କୁ ଶୃଙ୍ଖଳିତ କରିବାରୁ ବିରତ ରହୁଛନ୍ତି । ବରଂ ତା' ପରିବର୍ତ୍ତେ ଯେଉଁମାନେ ସାମାନ୍ୟ ପରିମାଣରେ ଅବାଟରେ ଯାଉଛନ୍ତି, ସେମାନଙ୍କ ଉପରେ ଝାମ୍ପି ପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ତେଣୁ ଏତିକି ଆଶା କରାଯାଇପାରେ ଯେ ସ୍ୱାଧୀନତା ପରେ ବିଭାଜନ ଓ ପରବର୍ତ୍ତୀ ଅବସ୍ଥାରେ ଜରୁରୀକାଳୀନ ପରିସ୍ଥିତକୁ ପ୍ରତ୍ୟକ୍ଷ କରିଥିବା ଭାରତ ସବୁ ପ୍ରକାରର ଉସୁକାଇବା ସତ୍ତ୍ୱେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଆଦରି ନେବ।



# ସଂପ୍ରୀତି ନଷ୍ଟ କରୁଛି ନିର୍ବାଚନ

### ଡ଼ଃ.ଅରୁନ୍ଧତୀ ଦେବୀ

ଭାରତ ଏକ ବହୁଦଳୀୟ ଓ ସଂସଦୀୟ ଗଣତନ୍ତ୍ର। ଏଠାରେ ସମ୍ବିଧାନ ଓ ଆଇନର ଶାସନ ଚଳେ। ଆମ ସମ୍ବିଧାନର ମୂଳ ତତ୍ତ୍ୱ ହେଲା ଜନାଦେଶ ହିଁ ସାର୍ବଭୌମ ଏବଂ ଶାସନ ଜନାଦେଶ ଦ୍ୱାରା ଗଠିତ ସରକାର ହିଁ ଚଳାନ୍ତି। ଏ ସବୁତ ଗଲା ସମ୍ବିଧାନର ବର୍ଣ୍ଣନା ଓ ମୂଲ୍ୟବୋଧ। କିନ୍ତୁ ବାସ୍ତବିକ ପ୍ରୟୋଗରେ କେତେ ଗଣତନ୍ତ୍ର ଓ କେତେ ଜନମତର ଶାସନ ସମ୍ଭବ ହୁଏ, ତାହା ତର୍କର ବିଷୟ। ସବୁ ମତବାଦ, ତନ୍ତ୍ର ଓ ଆଦର୍ଶବାଦ, ମୂଳଦୁଆ ହୋଇ ରହିଲେ ମଧ୍ୟ ପ୍ରୟୋଗାତ୍ମକ ବାସ୍ତବିକ ରାଜନୀତି କ୍ଷେତ୍ରରେ ସେ ସବୁର ଆବଶ୍ୟକମତେ ଅବମୂଲ୍ୟାୟନ କରିବାକୁ ପଡ଼ିଥାଏ। ଏହି ପ୍ରକ୍ରିୟା ଊଣାଅଧିକେ ସମସ୍ତେ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଲକ୍ଷିତ ହୋଇଥାଏ। ଭାରତ ମଧ୍ୟ ଏହି ପ୍ରୟୋଗାତ୍ମକ ନିୟମର ଅଧୀନ।

ଆମ ଦେଶର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ବିବିଧତା ଭିତରେ ଏକତା। ଏଇ ଏକତା, ଭାଇଚାରା ଏବଂ ସଂପ୍ରୀତିକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ପର୍ବପର୍ବାଣୀର ପରିକଳ୍ପନା କରାଯାଇଛି। ରଙ୍ଗର ପର୍ବ ହୋଲି ଠାରୁ ଆରମ୍ଭ କରି ଆଲୋକର ପର୍ବ ଦୀପାବଳିରେ ଦେଶ ଉତ୍ସବ ମୁଖର ହୋଇଉଠେ। ସେହିଭଳି ଇଦ ଏବଂ ଖ୍ରୀଷ୍ଟମାସ ମଧ୍ୟ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାରେ ସାହାଯ୍ୟ କରେ। ସମସ୍ତେ ମାତି ଉଠନ୍ତି ଏ ଉତ୍ସବରେ। ପ୍ରତିବର୍ଷ ଏସବୁ ଉତ୍ସବ ପାଳନ କରାଯାଉଥିବାରୁ ଆମେ ସୁଯୋଗ ପାଉ ରାଗ, ରୁଷା ଏବଂ ତିକ୍ତତାକୁ ଭୁଲି ଛାତିରେ ଛାତି ମିଶାଇବାକୁ। ସବୁ ମନାନ୍ତର ମତାନ୍ତର କୁଆଡ଼େ ଉଭେଇ ଯାଏ। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ପାଞ୍ଚ ବର୍ଷକୁ ଥରେ ଗଣତନ୍ତ୍ରର ଯେଉଁ ମହାପର୍ବ ଆମେ ପାଳନ କରୁଛେ ବୋଲି ଆଲୋଚନା ହେଉଛି ସେଇ ପର୍ବ ସଂପ୍ରୀତି ଏବଂ ଭାଇଚାରାକୁ ନଷ୍ଟ କରିବା ସହିତ ବିଭାଜନ ସୃଷ୍ଟି କରୁଛି ଲୋକଙ୍କ ଭିତରେ। ନିର୍ବାଚନ ଏକ ଆତଙ୍କ ଭଳି ମନେହେଉଛି। ଆଜିର ନେତାମାନେ ନିର୍ବାଚନରେ ଜିତିବା ପାଇଁ ଯେ କୌଣସି ସ୍ତରକୁ ଖସି ଯାଇପାରୁଛନ୍ତି। ମୁହଁରେ ବାଡ଼ବତା ରହୁନି ସେମାନଙ୍କର। ମଣିଷ-ମଣିଷ ଭିତରେ ବିଦ୍ୱେଶ ସୃଷ୍ଟି କରିବାକୁ ଏମାନେ ସାମାନ୍ୟ ଅନୈତିକ କାମ ବୋଲି ଭାବୁନାହାଁନ୍ତି। ଆମ ଦେଶରେ ପର୍ବପର୍ବାଣି ଆଳରେ ଯେଉଁ ସଂପ୍ରୀତି ସୃଷ୍ଟି ହେଉଛି ତାକୁ ନିମିଷକେ ଛାରଖାର କରିଦେଉଛି ଗଣତନ୍ତ୍ରର ଏ ମହାପର୍ବ ନିର୍ବାଚନ।

କମିସନ କହିଛନ୍ତି ନିର୍ବାଚନରେ ଦେଶର ସାମାଜିକ, ସାଂସ୍କୃତିକ ପରିବେଶକୁ ବଳିପକାଇ ହେବ ନାହିଁ। ନିର୍ବାଚନ ହେଉଛି ଏକ ପ୍ରକ୍ରିୟା, ଯେଉଁଠାରେ ରାଜନୈତିକ ଦଳଗୁଡ଼ିକ କେବଳ ଜିତିବା ପାଇଁ ଲଢ଼ନ୍ତିନି ବରଂ ନିଜର ଉତ୍ତମ ବିଚାରଧାରାକୁ ଉପସ୍ଥାପନ କରିବା ପାଇଁ ଏହା ଏକ ସୁଯୋଗ। ଜାତି, ସଂପ୍ରଦାୟ, ଭାଷା ଏବଂ ଧର୍ମ ଆଧାରରେ ପ୍ରଚାର କରିଥିବାରୁ କମିସନ ବିଜେପି ଏବଂ କଂଗ୍ରେସ ଉଭୟଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଚାର ସମୟରେ ଧାର୍ମିକ ଏବଂ ସାଂପ୍ରଦାୟିକ ଟିପ୍ପଣୀରୁ ଦୂରେଇ ରହିବା ପାଇଁ କଡ଼ା ତାଗିଦ କରିଛନ୍ତି। ସମାଜରେ ବିଭାଜନ ସୃଷ୍ଟି କଲାଭଳି ଭାଷଣ ବନ୍ଦ ରଖିବା ପାଇଁ ଇସି ବିଜେପିକୁ କହିଛନ୍ତି। ସମସ୍ତ ତାରକା ପ୍ରଚାରକ ଯେଭଳି ଏହାକୁ କଡ଼ାକଡ଼ି ପାଳନ କରିବେ ସେ ଦିଗରେ ପଦକ୍ଷେପ ନେବାକୁ କମିଶନ ଚେତାବନୀ ଦେଇଛନ୍ତି। କଂଗ୍ରେସର ତାରକାର ପ୍ରଚାରକ ରାହୁଲ ଗାନ୍ଧୀ ମଧ୍ୟ ବିଭ୍ରାନ୍ତୀକର ଟିପ୍ପଣୀ ନଦେବା ପାଇଁ କଂଗ୍ରେସ ଦଳକୁ ନିର୍ଦ୍ଦେଶ ଦେଇଛନ୍ତି ଇସି।

ନିର୍ବାଚନ ପ୍ରଚାର ସମୟରେ ଉଭୟ ବିଜେପି ଓ କଂଗ୍ରେସ ଦଳର ତାରକା ପ୍ରଚାରକମାନେ ବିବାଦୀୟ ଓ ଅନର୍ଥକାରୀ ଭାଷଣ ଦେଉଥିବାରୁ କମିସନ ତରଫରୁ ପୃଥକ ପୃଥକ ନିର୍ଦ୍ଦେଶ ଜାରି ହୋଇଛି। ନିର୍ବାଚନରେ ଜିତିବା ପାଇଁ ନେତାମାନେ ଏଭଳି ଲୋକ ଆକର୍ଷଣକାରୀ ଅଥଚ ବିବାଦୀୟ ପନ୍ଥା ଆପଣାଉ ଥିବାରୁ ଏହା ଦେଶର ସମ୍ମାନ, ସ୍ୱାଭିମାନ ଓ ଗୌରବ ତଥା ପରିଚୟକୁ ନଷ୍ଟ କରୁଛି। ବିବିଦତା ଭିତରେ ଏକତା ହେଉଛି ଆମର ମହାନ ବୈଶିଷ୍ଟ୍ୟ ଯାହାକୁ ନେତାମାନେ ସେମାନଙ୍କ ସ୍ୱାର୍ଥ ପାଇଁ ଜଳାଞ୍ଜଳୀ ଦେବାକୁ ସାମାନ୍ୟ ପଛଉ ନାହାଁନ୍ତି। ତେବେ ଆମ୍ଭେମାନେ ଆମ ବିଚାରଧାରାର ସମ୍ମାନ ରକ୍ଷା କରି ଆମ ବିଚାରର ଭୋଟଟି ନିଶ୍ଚିନ୍ତ ପ୍ରଦାନ କରିବେ।

+ସମ୍ପାଦିକା-ନିର୍ଦ୍ଦେଶିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦



# ହୃଦରେ ବସି ମୋତେ ରାମାଏଣ କହିଲେ...

### ଡାକ୍ତର ଦିଲ୍ଲୀପ କୁମାର ମହାରଣା

ବଳରାମ ଦାସ 'ଜଗମୋହନ ରାମାୟଣ'ର ରଚୟିତା। ଏହା ଦାଣ୍ଡିବୃତ୍ତରେ ରଚିତ। ଏଣୁ ଏହାର ଅନ୍ୟନାମ 'ଦାଣ୍ଡି ରାମାୟଣ'। ଏହା ଓଡ଼ିଆ ଭାଷାର ପ୍ରଥମ ରାମାୟଣ। ମୂଳ ସଂସ୍କୃତ ରାମାୟଣର ଅନୁସାରୀ ହୋଇଥିଲେ ହେଁ ଏହା ଏକ ସ୍ୱାଧୀନ ଅନୁବାଦ ରୂପେ ସ୍ୱୀକୃତ। କିନ୍ତୁ ବଳରାମ ଦାସ ଭକ୍ତଭାବରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏପରି ସମର୍ପିତ, ଯେ ସେ ନିଜକୁ ଏହାର କବି ବୋଲି କହି ନାହାନ୍ତି। କେବଳ ତାଙ୍କ ରଚିତ ରାମାୟଣରେ ଯେ ବଳରାମ ଦାସ ଏହା କହିଛନ୍ତି, ତାହା ନୁହେଁ। ତାଙ୍କ ନାମରେ ଭଣିତ 'ବେଦାନ୍ତସାର ଗୁପ୍ତଗୀତା'ରେ ମଧ୍ୟ ସେ ଏହା କହିଛନ୍ତି। ପୁଣି 'ରାମାୟଣ' ଶ୍ରୀଜଗନ୍ନାଥଙ୍କ ନିଜ ଚରିତ ବୋଲି ମଧ୍ୟ ସେ କହିଛନ୍ତି। ତାଙ୍କର ସେହି ପଦଟି ହେଉଛି ଶ୍ରୀଜଗନ୍ନାଥ 'କବି ହୃଦୟରେ ବିଜେ କରିଥାନ୍ତି, ଆପଣା ଚରିତ ଆପଣେ ବଖାଣନ୍ତି।'

ଏହି 'ରାମାୟଣ' ରଚନାର ଆଦ୍ୟରେ ବଳରାମ ଦାସ ଏହାର ରଚନାକୁ ସାର୍ଥକ କରିବା ପାଇଁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି - ମୁହିଁ ବଳରାମ ଦାସ ଅଟଇ ତୋହୋର, ତୁ ଦେବ ହୃଦରେ ବସସି ମୋହୋର, ଶ୍ରୀରାମ ରୂପ ଜାନକୀପତି ମୂର୍ତ୍ତି, ସପ୍ତମ ଅବତାର ହୋଇଲେ ଶ୍ରୀପତି।। ରାବଣର ଦର୍ପ ଧଂସିଲେ ଯେବଣ କୃତ୍ୟେ, ତାହା ମୁଂ ବିଚାର ରଚିବଇଂ ଗୀତେ।। ଯେ ଜନ୍ମ ମୋହୋର ସାର୍ଥକ କରିବି ତୋତେ ସେବି। ଯାହା ସେ ପଖାଣ କଲା ବାଲ୍ମିକ ମହାକବି।। ତାହା ସୁମରିଣ ଧଂସିବ ପାପରାଶି, କରସି କରୁଣା ମୋତେ ନୀଳଗିରିବାସୀ।'

ତେବେ ଏହି 'ରାମାୟଣ'ରେ ବଳରାମ ଦାସ ଆଉ ଯେଉଁ କଥାଟି କହିଛନ୍ତି ତାହା ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ। ସେ କହିଛନ୍ତି ଏହାର କବି ସେ ନୁହଁନ୍ତି। ଏହାର କବି ସ୍ୱୟଂ ଶ୍ରୀଜଗନ୍ନାଥ। ସେ କେବଳ ଲୋଭରେ ପଡ଼ି ଏଥିରେ ତାଙ୍କ ନାମ ଦେଇ ଦେଇଛନ୍ତି। ତାଙ୍କ 'ରାମାୟଣ'ର ସେହି ସୁପ୍ରସିଦ୍ଧ ପଦ ହେଉଛି 'ଭାବଗ୍ରାହୀ ପ୍ରଭୁ ମୋତେ ଦୟା କଲେ, ହୃଦରେ ବସି ମୋତେ ରାମାଏଣ କହିଲେ।। ସେ ପ୍ରଭୁ କବିତ୍ୱ ଅଛଇ ଏଥିର, ଲୋଭେ ମୋହୋର ନାମ ଜଣାଇଲି ଗ୍ରନ୍ଥର।।'

+ ଶିଖରପୁର ଉପରସାହି,
କଟକ,
ମୋ: ୮୨୮୦୯୬୩୨୮୩



# ଦୁର୍ଘଟଣା ପରେ ଶୋକ

### ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗତ ସପ୍ତାହରେ ଗୁଜରାଟ ରାଜକୋଟ ସହରର ଏକ ଗେମିଂ ଜୋନରେ ୩୫ ଜଣ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ସେହିପରି ଦିଲ୍ଲୀର ଏକ ଶିଶୁ ଯତ୍ନ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟି ୭ ଜଣ ଶିଶୁଙ୍କ ଅକାଳ ମୃତ୍ୟୁ ଘଟିଛି । ଏହି ଦୁଇଟି ଘଟଣାର କାରଣ କେବଳ ଅଗ୍ନିକାଣ୍ଡ ନୁହେଁ। ଏହାଛଡା ବି ଅନେକ କାରଣ ରହିଛି ।ରାଜକୋଟର ଗେମିଂ ଜୋନ୍ ଅଗ୍ନିଶମ ବିଭାଗଠାରୁ ନୋ ଅବଜ୍ଜେକ୍ସନ୍ ସାର୍ଟିଫିକେଟ୍ ପାଇନଥିଲା। ଦିଲ୍ଲୀର ବେବି କେୟାର ସେଣ୍ଟରକୁ ନେଇ ମଧ୍ୟ ସମାନ କଥା ସାମ୍ନାକୁ ଆସିଛି । ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ କି ନୋ ଅବଜ୍ଜେକ୍ସନ୍ ସାର୍ଟିଫିକେଟ୍ ମଧ୍ୟ ଦିଆଯାଇ ନାହିଁ। ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ଏହି ଦୁଇ ସଂସ୍ଥା ପରିଚାଳନା କରିବା ପାଇଁ ମ୍ୟୁନିସିପାଲିଟି କର୍ପୋରେସନ୍ କୌଣସି ଲାଇସେନ୍ସ ଦେଇନାହିଁ କିମ୍ବା ଅନ୍ୟ କୌଣସି ନିୟାମକ ସଂସ୍ଥାର ଅନୁମୋଦନ ମଧ୍ୟ ଦେଇନାହିଁ। ସେମାନେ ଲାଇସେନ୍ସର ଅବଧି ସରିଯାଇଥିଲେ ମଧ୍ୟ ବେଆଇନ ଭାବେ କାମ କରୁଥିଲେ। ଏପରି ବେଆଇନ କାମ ଯାଞ୍ଚ କରିବାକୁ କେହି ଯାଉନଥିବା ସ୍ପଷ୍ଟ ହୋଇଛି ।ଗେମିଂ ଜୋନ୍ କିମ୍ବା ବେବି କେୟାର ସେଣ୍ଟର ଗୁପ୍ତଭାବରେ କରାଯାଇପାରିବ ନାହିଁ ।ଅଭାବନୀୟ ଘଟଣା ଘଟିଥିବା ଶିଶୁ ଯତ୍ନ କେନ୍ଦ୍ରରେ ୫ଟି ଶିଶୁ ଯତ୍ନ ନେବାର ସୁବିଧା ଥିଲେ ମଧ୍ୟ ୧୨ ଜଣ ନବଜାତ ଶିଶୁ ଭର୍ତ୍ତି ହୋଇଥିଲେ। ଏଥିପ୍ରତି କେହି ଧ୍ୟାନ ଦେଉନଥିଲେ, ତେଣୁ କେନ୍ଦ୍ରରେ ଅଗ୍ନି ନିର୍ବାପକ ଯନ୍ତ୍ର ନଥିଲା ଏବଂ କୌଣସି ଜରୁରୀକାଳୀନ ପ୍ରସ୍ଥାନ ବ୍ୟବସ୍ଥା ନଥିଲା। ସବୁଠାରୁ ଗମ୍ଭୀର କଥା ହେଲା ଏଠାରେ ଅକ୍ସିଜେନ୍ ସିଲିଣ୍ଡର ରଖାଯାଇଥିଲା। ଅର୍ଥାତ୍ ସତେ ଯେମିତି ଦୁର୍ଘଟଣାକୁ ନିମନ୍ତ୍ରଣ କରିବା ପାଇଁ ପ୍ରସ୍ତୁତି ହୋଇଥିଲା। ରାଜକୋଟର ଗେମିଂ ଜୋନରେ ମଧ୍ୟ ସମାନ ପ୍ରସ୍ତୁତି। ଲୋକମାନଙ୍କ ପ୍ରବେଶ ପଥରେ ୱେଲ୍ଡିଂ କାମ ଚାଲିଥିଲା। ଲୋକସଭା ନିର୍ବାଚନ ଚାଲିଥିବାରୁ ନେତାମାନେ ରାଜକୋଟ ଘଟଣା ଏବଂ ଦିଲ୍ଲୀ ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି। ଉଭୟ ସ୍ଥାନରେ ପ୍ରଶାସନ କିଛି କଠୋରତା ଦେଖାଇଥିଲେ ମଧ୍ୟ ବିଶେଷ କିଛି ଘଟିନଥିଲା। ଗେମିଂ ଜୋନର ଅପରେଟରଙ୍କୁ ଗିରଫ କରାଯାଇଥିବା ବେଳେ ଦିଲ୍ଲୀରେ ବେବି କେୟାର ସେଣ୍ଟର ଚଳାଉଥିବା ଡାକ୍ତରଙ୍କୁ ଗିରଫ କରାଯାଇଛି । ପ୍ରଶ୍ନ ଉଠୁଛି ଉଭୟ ସ୍ଥାନରେ ଅଗ୍ନିଶମ ବିଭାଗ ଓ ପୌରସଂସ୍ଥାର କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କୁ କାହିଁକି ଗିରଫ କରାଗଲା ନାହିଁ? ଆଇନ ଅନୁଯାୟୀ ଉଭୟ ସହରର ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ମାମଲା ରୁଜୁ ହେବା ଦରକାର। ରାଜକୋଟ ଏବଂ ଦିଲ୍ଲୀର ମାମଲା ଏକମାତ୍ର ମାମଲା ନୁହେଁ। ଏହିପରି ଅନେକ ଘଟଣାକୁ ଅନେକ ସମୟରେ ଲୁଚାଇ ରଖିବାକୁ ଚେଷ୍ଟା କରାଯାଇଛି । ଏପରି ଘଟଣା ବାରମ୍ବାର ଘଟୁଛି ଏବଂ ବହୁ ସଂଖ୍ୟକ ଲୋକ ପ୍ରାଣ ହରାଉଛନ୍ତି କିମ୍ବା ଆହତ ହୁଅନ୍ତି, କିନ୍ତୁ ନିୟାମକ ବ୍ୟବସ୍ଥାରେ ଥିବା ଲୋକଙ୍କୁ କେବେ ବି କାଠଗଡ଼ାରେ ରଖାଯାଏ ନାହିଁ, ଯାହାର ଅବହେଳା ଯୋଗୁଁ ସାଂଘାତିକ ଘଟଣା ଘଟିଥାଏ। ମୁମ୍ବାଇରେ ଏକ ବିଶାଳ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକଙ୍କ ମୃତ୍ୟୁହେଲା। ବେଆଇନ ଭାବେ ଏହି ବିଶାଳ ହୋର୍ଡିଂ ଲଗାଯାଇଥିଲା, କିନ୍ତୁ କାହାର ନଜର ପଡ଼ିନଥିଲା। ଯେତେବେଳେ ଏହା ଭୁଶୁଡ଼ି ପଡ଼ିଲା ଏବଂ ଅନେକ ଲୋକ ପ୍ରାଣ ହରାଇଥିଲେ,ସେତେବେଳେ ସମସ୍ତେ ପର ଉପରେ ଦୋଷାରୋପ କଲେ। ହୋର୍ଡିଂ ଲଗାଇଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା ମାତ୍ର ପୌରସଂସ୍ଥାର କୌଣସି ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରାଗଲା ନାହିଁ । କେହି ଜାଣନ୍ତି ନାହିଁ କାହିଁକି ?

ଭାରତ ଏକ ବୃହତ ଜନସଂଖ୍ୟା ବିଶିଷ୍ଟ ଦେଶ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସରକାରୀ ବ୍ୟବସ୍ଥାର ଅବହେଳା ଯୋଗୁଁ ଦୁର୍ଘଟଣା ଘଟୁଥିବ ଏବଂ ସେଥିରେ ବହୁ ସଂଖ୍ୟକ ଲୋକ ପ୍ରାଣ ହରାଉଥିବେ । ଦୁର୍ଭାଗ୍ୟବଶତଃ ଆମ ଦେଶରେ ଏହା ଘଟୁଛି। ଯେତେବେଳେ କୌଣସି ବଡ଼ ଘଟଣା ଘଟି ବହୁ ସଂଖ୍ୟକ ଲୋକ ପ୍ରାଣ ହରାନ୍ତି , ସେତେବେଳେ ଶୋକ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଏ, କିନ୍ତୁ କିଛି ସମୟ ପରେ ସେହି କାରଣରୁ ସେହି ଘଟଣା ପୁଣି ସାମ୍ନାକୁ ଆସିଥାଏ, ଯଥା ପୂର୍ବଂ ତଥା ପରଂ। ଫଳସ୍ୱରୂପ ନା ଦୁର୍ଘଟଣା ହ୍ରାସ ପାଉଛି ନା ଲୋକଙ୍କ ଜୀବନ ହାନି ସଂଖ୍ୟା ହ୍ରାସ ପାଉଛି । ପୃଥିବୀର ସବୁସ୍ଥାନରେ ଦୁର୍ଘଟଣା ଘଟୁଛି, କିନ୍ତୁ ବିକଶିତ ଦେଶମାନେ ଅନ୍ତତଃ ସେଥିରୁ ଶିକ୍ଷା ଗ୍ରହଣ କରି ଏପରି ବ୍ୟବସ୍ଥା କରିଥାନ୍ତି ଯେ ସମାନ କାରଣରୁ ବାରମ୍ବାର ଦୁର୍ଘଟଣା ଯେପରି ନ ଘଟେ। ଆମ ଦେଶରେ ସବୁ ପ୍ରକାର ନିୟମ ରହିଛି, କିନ୍ତୁ ବିକଶିତ ରାଷ୍ଟ୍ରର ସ୍ୱପ୍ନ ଦେଖୁଥିବା ଆମେ ନିୟମ ଉଲ୍ଲଂଘନ କରିବାରେ ପାରଙ୍ଗମ। ପୁଣେରେ ଘଟିଥିବା କାର ଦୁର୍ଘଟଣା ମଧ୍ୟ ଏକ ଲଜ୍ଜାଜନକ ଉଦାହରଣ ଯେ ଭାରତରେ ଲୋକମାନେ କିପରି ପ୍ରତ୍ୟେକ ପଦକ୍ଷେପରେ ନିୟମ ଏବଂ ଆଇନ ଉଲ୍ଲଂଘନ କରନ୍ତି ଏବଂ ସରକାରୀ ବ୍ୟବସ୍ଥାରେ ବସିଥିବା ଲୋକମାନେ ସେମାନଙ୍କୁ ସାହାଯ୍ୟ କରିବାକୁ କିମ୍ବା ନିଜ ଅପରାଧକୁ ଲୁଚାଇବାକୁ ପ୍ରସ୍ତୁତ ।

+ ନୟାଗଡ଼
ମୋ: ୯୪୩୭୬୪୨୯୪୭

## କବିତା କୋଣାର୍କ

### ଆଉ ଡେରି କର ନାହିଁ

#### ରତ୍ନାକର ରାଉତ



ଖରା ଗୁଳୁଗୁଳି ଅଥୟ କଲାଣି
ପହର ବିତେନି ଯୁଗ ପରି ଲାଗେ
ଖରାର କଷଣ ହୁଏ ନାହିଁ ସହି
ମଉସୁମୀ ତୁମେ କେଉଁଠି ପହଞ୍ଚିଲଣି
କିଏ କହୁଥିଲା ତୁମ ପହଞ୍ଚିବା
ଆଉ ବାରଦିନ ବାକି
ଚାତକ ପରାୟେ ସଭିଏଁ ଅଛନ୍ତି ଚାହିଁ
ତୁମେ ପହଞ୍ଚିଲେ ଶଂଖୋଳି ନେବା ପାଇଁ ।

ମୁଣ୍ଡଫଟା ଖରା ଦରଦାମ୍ ଚଢ଼ା
ଏସନ ତାତିଟା ବଇରି ସାଜିଛି
କ୍ଷେତ ବିଲ ବାଡ଼ି ପଡ଼ିଆ ପଡ଼ିଛି
ଦୂବଟେ କଅଁଳୁ ନାହିଁ
କିଆରି ମୁଣ୍ଡରେ ଚାଷୀମୁଣ୍ଡ କୁଢ଼େ
ନଈନାଳ ସବୁ ଶୁଖିଲା ପଡ଼ିଛି
ପାଣି ଟୋପେ ମିଳେ ନାହିଁ
କୁଆ କୋଇଲିଙ୍କ ପାଇଁ
ଚାତକ ପରାୟେ ସଭିଏଁ ଅଛନ୍ତି ଚାହିଁ
ତୁମେ ପହଞ୍ଚିଲେ ଶଂଖୋଳି ନେବା ପାଇଁ ।

ଡହ ଡହ ଖରା, ଖରା ନୁହେଁ ନିଆଁ
ପୋଡ଼ି ପୋଡ଼ି ଯାଏ ଦେହ
ସେଥିରେ ଚାଲିଛି ନେତାଙ୍କ ଦଉଡ଼, ଭାଷଣର ଭିଡ଼
ଗିରିଷମ ଦାଉ ତାଙ୍କୁ ପାରେ ନାହିଁ ଛୁଇଁ
ତାଙ୍କ କାର୍‌ନାମା ସହି ନ ହେଲେ ବି କହି ହୁଏ ନାହିଁ
ଢୋକିବାକୁ ପଡ଼େ ନିଜ ଦୁଃଖ ନିଜ କୋହ
ଭୋଅଟ ସମୟ ବେଉଷଣ ବେଳ
ଖରା ତତଲାରେ ଦିମାସ ଖଟିଲେ
ପାଞ୍ଚ ବରଷକୁ ଧରିବେ ଶାସନ କଳ
କେତେ ପୁରୁଷକୁ ସଞ୍ଚିବେ ସମ୍ବଳ
ଏଟା ତାଙ୍କ ପାଇଁ ଖେଳ
ଯାହା ଜନତାଙ୍କ ପାଇଁ କାଳ
ସବୁଠି ବ୍ୟାପିଛି ଅମାଶୟା ରୋଗ
ଝାଡ଼ାବାନ୍ତି ଡେଙ୍ଗୁ ଜ୍ୱର
ପଖାଳ ତୋରାଣି ପଣା ପାଣି ପିଇ
ଯୁଝିଲା ବେଳକୁ ଚମସିଝା ତାତି
ଘରେ ଘରେ ଏବେ ଜୀବାଣୁ କରିଛି ଘର
ତୁମ ଆଗମନେ ବରଷା ଆସିଲେ
ବରଷିବ ବାରି ଧରାହେବ ସୁଶୀତଳ
ଚାତକ ପରାୟେ
ସଭିଏଁ ଅଛନ୍ତି ଚାହିଁ
କେତେ ଆଦରରେ ଶଂଖୋଳି ନେବା ପାଇଁ
ସହଳ ସହଳ ପହଞ୍ଚ ଏଠାରେ
ଆଉ ଡେରି କର ନାହିଁ ।

### ପୁଆଡି

#### ପ୍ରୀତିଲେଖା ଦାସ



ନିର୍ବାଚନ ଆସିଲେ
ନଈର ସୁଅ ବୋହେ
ଖୁବ୍ ଉପରମୁହାଁ,
ସମୁଦ୍ର ମାତେ, ତାତେ
ଦଳୁଆ ଗଡିଆ ବି ଦଉଡେ
ଗାଁ ଗୋହିରୀରେ।

ଏପଟେ ଛନଛନିଆ ଶାଗ ପଟାଳି
ସେପଟେ ତୁଣ୍ଡିବନ୍ଧା ଭୋକ,
ଦିଶୁଥାନ୍ତି ଏକାପରି
ସୂର୍ଯ୍ୟ ଓ ଜୁଳୁଜୁଳିଆ ପୋକ।

ଏମିତି କ'ଣ ଘଟେ ଅଲୌକିକ
ଅଧ ଗୋଟାକ ରାତିରେ,
ସତ ବୋଲି
ବୁଲିବୁଲି କାଳିଯାଏ କହୁଥିବା
ଲୋକଟା
ରାତି ନ ପାହୁଣୁ କହେ,
'ଡାହାମିଛ' କୋକୁଆ
ମିଛ ବି
ଶାୟର ଲୌହମୂଷଳ ପ୍ରସବ।
ସବୁ ଉର୍ବର ମସ୍ତିଷ୍କର ଫନ୍ଦିଫିକର।

ମୂଳକୁ/ଝାଳକୁ କିଏ ପଚାରେ ?
ଦାଣ୍ଡରେ ହାଟ ବସେଇଥିବା
ଲୋକଟିକୁ
ବାଡି ପଟକୁ ଡାକିନେଇ
ମୂଳଚାଲରେ
ବାନ୍ଧି ଦିଆଯାଏ ମୁଣ୍ଡରେ ଶିରପା।
ପୁଆଡି ପଣରେ
ଦେହ, ଦେଶ ଏବେ ଏକ।

ନୂଆ ଇସ୍ତାହର, ଭଳିଭଳି ବିଜ୍ଞାପନ
ଟଙ୍ଗେଇ ଆଖିର କାନ୍ଥରେ
ଖୋଲା ହୃଦୟ ବନ୍ଧା ଚାଲେ
ରାତି ଅନ୍ଧାରରେ।

ବାରମ୍ବାର ନିଜର
ଛାଇ ବଦଳାଉଥିବା କେତେକ
ଦିଆସିଲି ମାରି
ହଠାତ୍ ଏକାବେଳେକେ
ଜଳେଇ ଦିଅନ୍ତି
ଲିଭି ଯାଇଥିବା
ମହମବତୀ ମାନଙ୍କୁ,
ଦେଖେଇ ଦିଅନ୍ତି
ସୁଯୋଗ ଅଭାବରୁ
ତାଙ୍କ ଶିରା ପ୍ରଶିରା ଭିତରେ
ଜାକିଜୁକି ରହିଥିବା ସେହି ରକ୍ତକୁ
ଦେଶ ସେବା ନାଁରେ
ବୋହି ପାରିନି ଯାହା ଏଯାଏଁ।

ଅନ୍ଧାର ରାତି ମାନଙ୍କ ଦେହରୁ
କଳା ଛଡେଇ ଛଡେଇ
ଦେହରେ, ମନରେ
ତ୍ରିପଣ୍ଡ କଳା ହୋଇ ସାରିଥିବା କେତେକ
ଝୁଲି ପଡୁଥାନ୍ତି ବାଦୁଡ଼ି ପରି
ଗଣତନ୍ତ୍ରର ଗଳାରେ,
ଆଉ କେତେକ ଫେରୁଥାନ୍ତି
ସାବାଳକ ବିଶ୍ୱାସର ଗାଢ ରଙ୍ଗକୁ ଧରି
ନଖ ଅଗରେ।

+ଭୋଇସାହି, ବାଲେଶ୍ୱର
ମୋ: ୯୮୫୩୩୪୪୬୮୮





## ପାଠ ପଢ଼ି ହେବା ଭଲ ମଣିଷ

ସନ୍ତୋଷ କୁମାର ଅଦାବର



ନିରୁ ଏ ବର୍ଷ ଦଶମ ଶ୍ରେଣୀରେ ଭଲ ନମ୍ବର ରଖି ପାସ୍ କରିଛି । ଭଲ ପଢ଼େ ସେ । ସ୍କୁଲରେ ସାର୍ ଦିଦି ଯାହା ପଢ଼ାନ୍ତି ସବୁକୁ ମନଦେଇ ଶୁଣେ ଏବଂ ଘରକୁ ଆସି ସେ ସବୁକୁ ପୁଣି ପଢ଼େ ଓ ଲେଖିକି ଅଭ୍ୟାସ କରେ । ସେଥିପାଇଁ ସେ ସଭିଙ୍କର ଆଦରର ପାତ୍ର ହୋଇଛି । ଘରେ ତା'ର ବାପା ଜଣେ ଦିନ ମଜୁରିଆ ଏବଂ ମାଆ ଗୃହିଣୀ ଅଟନ୍ତି । ସେମାନେ ମଧ୍ୟ ନିରୁକୁ ଖୁବ ସ୍ନେହ କରନ୍ତି ଏବଂ ପାଠ ପଢ଼ି ଭଲ ମଣିଷ ହେବାକୁ ନିତି କହିଥା'ନ୍ତି ।

ବିନି ନାମରେ ଝିଅଟିଏ ମଧ୍ୟ ନିରୁ ସହ ସମାନ ଶ୍ରେଣୀରେ ପଢ଼େ । ସେ ମଧ୍ୟ ଭଲ ପଢ଼େ । ସେ ନିରୁଠାରୁ କିଛି ନମ୍ବର ଅଧିକ ରଖି ପାସ କରିଛି । ସେଥିପାଇଁ ତା'ର ଭାରି ଗର୍ବ । ସବୁ ପରୀକ୍ଷାରେ ସେ ନିରୁଠାରୁ ଅଳ୍ପ କିଛି ନମ୍ବର ଅଧିକ ରଖିଥାଏ । କେବଳ ନିରୁକୁ ସେ କିପରି ପଛରେ ପକାଇବ ବେଶି ଚେଷ୍ଟାକରେ । ଫଳାଫଳ ପ୍ରକାଶିତ ହେଲେ ନିରୁକୁ ଦେଖି ବ୍ୟଙ୍ଗ କଲା ଭଳି ବ୍ୟବହାର କରିଥାଏ ବିନି । କିନ୍ତୁ ନିରୁ ଆଦୌ ଦୁଃଖ ବା ଅପମାନ ଅନୁଭବ କରେ ନାହିଁ । ସେ ଭାବେ, ଆମେମାନେ ତ ନିଜ ନିଜ ପରିଶ୍ରମର ଫଳ ପାଉଛୁ । ଏଥିପାଇଁ କାହିଁକି ମନ ଦୁଃଖ ବା ଅପମାନ ଅନୁଭବ କରିବା ।

ବିନି ଅଲଗା ସ୍ୱଭାବର । ସେ ଗୁରୁଜନଙ୍କୁ ସମ୍ମାନ ଦେବାକୁ ବା ନମସ୍କାର କରିବାକୁ ମଧ୍ୟ କୁଣ୍ଠାବୋଧ କରେ । ସାଙ୍ଗ ସାଥିଙ୍କ ସହ ମିଶେ ନାହିଁ । ବେଳେବେଳେ ସାଙ୍ଗ ମାନଙ୍କ ସହ ଛୋଟମୋଟ କଳି ଝଗଡ଼ା କରେ । ନିଜ ଭୁଲ୍ ଲୁଚାଇ ଅନ୍ୟର ଉପରେ ଦୋଷ ଲଦିଥାଏ ।

ଏଇ ଦୁଇ ଦିନ ଆଗରୁ ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଯାଇଛି । ନିରୁର ସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଆଜି ଏକ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଛି । ସ୍କୁଲର ପ୍ରଧାନଶିକ୍ଷକ, ଅନ୍ୟ ସାର୍ ଦିଦି, ସ୍ଥାନୀୟ ଶିକ୍ଷାପ୍ରେମୀ, ଅଭିଭାବକ ଅଭିଭାବିକା ତଥା ସ୍କୁଲର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସଭା ଚାଲିଥାଏ । ପ୍ରଧାନଶିକ୍ଷକ ପୁରସ୍କାର ଘୋଷଣାକରି ସର୍ବ ପ୍ରଥମେ ନିରୁର ନାମ ଡାକି ପୁରସ୍କୃତ କଲେ । ତା'ପରେ ବିନିର ନାମ ସହ ଆଉ ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କ ନାମ ଡାକି ପୁରସ୍କୃତ କରାଗଲା । ସେ ସ୍କୁଲର ସୁମିତା ଦିଦି ନିଜର ସଂକ୍ଷିପ୍ତ ବକ୍ତବ୍ୟରେ କହିଲେ- ପିଲାମାନେ, ଆଜିର ଏ ସଭାରେ ଯେଉଁମାନେ ନିଜ ସଫଳତା ପାଇଁ ପୁରସ୍କୃତ ହେଲ ତୁମ୍ଭମାନଙ୍କୁ ଆମ ସମସ୍ତଙ୍କ ତରଫରୁ ଅନେକ ଅନେକ ଶୁଭକାମନା । ଯେଉଁମାନେ ପୁରସ୍କାର ନ ପାଇ ମଧ୍ୟ ପାସ କରିଛ ସେମାନେ ମଧ୍ୟ ଆଗକୁ ଭଲ କରିବ ବୋଲି ଆମର ଆଶା ଓ ବିଶ୍ୱାସ । କିନ୍ତୁ ଗୋଟିଏ କଥା, ଭଲ ନମ୍ବର ରଖି ସମସ୍ତଙ୍କଠାରୁ ଆଗରେ ରହିଲେ ଆମେ ବଡ଼ ମଣିଷ ହୋଇପାରିବା । ଚାକିରି କରିବା ବା ବହୁତ ଟଙ୍କା ରୋଜଗାର କରି ଧନୀ ହେବା । କିନ୍ତୁ ବଡ଼ ମଣିଷ ହେବାକୁ ଯେତେ ଜରୁରୀ, ତା'ଠାରୁ ଭଲ ମଣିଷ ହେବାକୁ ଆହୁରି ବେଶି ଜରୁରୀ । ନିଜର ଉତ୍ତମ ଗୁଣ, ଚରିତ୍ର ତଥା ବ୍ୟବହାର ଦ୍ୱାରା ଆମେ ଭଲ ମଣିଷ ହୋଇପାରିବା । ସମସ୍ତେ ଆମକୁ ସ୍ନେହ କରିବେ, ସାନ ମାନେ ସମ୍ମାନ କରିବେ । ଠିକ୍ ନିରୁ ଆମ ସ୍କୁଲର ଏମିତି ଏକ ଝିଅଟିଏ । ସେ ପାଠରେ ଯେମିତି ଭଲ କରେ, ତା'ର ବ୍ୟବହାର ମଧ୍ୟ ସେମିତି ବହୁତ ବଢ଼ିଆ । ତା' ଭଳି ଅନ୍ୟମାନେ ମଧ୍ୟ ହେବାକୁ ଚେଷ୍ଟାକର । ପାଠ ପଢ଼ି ଭଲ ମଣିଷଟିଏ ହେବାକୁ ସଦା ସର୍ବଦା ପ୍ରଚେଷ୍ଟା ଜାରି ରଖ । ସୁମିତା ଦିଦିଙ୍କର ବକ୍ତବ୍ୟ ପରେ ଅନ୍ୟ ସାର୍ ଦିଦି ମାନେ ମଧ୍ୟ ନିଜର ସଂକ୍ଷିପ୍ତ ଉପଦେଶମୂଳକ ବକ୍ତବ୍ୟ ପ୍ରଦାନ କଲେ ଏବଂ ସଭା କାର୍ଯ୍ୟ ଶେଷ ହୋଇ ନିଜ ନିଜ ଘରକୁ ସମସ୍ତେ ଫେରିଲେ । ଘରକୁ ଆସି ବିନି ଭାବୁଥାଏ- ନିରୁ ତା' ଠାରୁ କମ୍ ନମ୍ବର ପାଇ ମଧ୍ୟ କାହିଁକି ଶ୍ରେଷ୍ଠ ପୁରସ୍କାର ପାଇଲା । କାରଣ ନିରୁ ଗୋଟିଏ ଭଲ ଝିଅ ଏବଂ ସଭିଙ୍କୁ ଭଲ ବ୍ୟବହାର ଦେଖାଏ । ପାଠ ପଢ଼ି ଭଲ ମଣିଷ ହେବାର ଶିକ୍ଷା ସେଦିନ ବିନି ବୁଝିପାରିଲା । ସେଦିନ ଠୁ ସେ ବଦଳିଗଲା । ସମସ୍ତ ଗୁରୁଜନଙ୍କୁ ଭଲ ବ୍ୟବହାର, ସମ୍ମାନ ଦେଖାଇଲା ଏବଂ ସାଙ୍ଗ ମାନଙ୍କ ସହ କଳିକଜିଆ କଲା ନାହିଁ । ଏ ସବୁ ବିଷୟକୁ ବିନି ଶବ୍ଦରେ ସଜାଇ ଗୋଟିଏ କବିତା ଲେଖି ତା'ର ଶୀର୍ଷକ ଦେଲା- 'ପାଠ ପଢ଼ି ଭଲ ମଣିଷ ହେବା' ଏବଂ କବିତାଟିକୁ ତାଙ୍କ ସ୍କୁଲ୍ ପ୍ରାଚୀର ପତ୍ରରେ ଦେଲା । ବାସ୍ତବିକ, ମନୁଷ୍ୟ ଜୀବନରେ ପାଠ ପଢ଼ି ବଡ଼ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବାର ଅଧିକ ଆବଶ୍ୟକତା ରହିଛି ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ରାଜକୁମାରଙ୍କ ବିବାହ



ଶ୍ୱେତପଦ୍ମା ପାଢ଼ୀ

ଅନେକ ଦିନ ତଳର କଥା । ଆମ ରାଜ୍ୟରେ ବହୁତ ଧନସମ୍ପଦ ଥିଲା ଏବଂ ହାତୀ,ଘୋଡ଼ା, ସୈନ୍ୟ ସାମନ୍ତରେ ଭରି ରହିଥିଲା ଏବଂ ସମଗ୍ର ରାଜ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିଲା । ରାଜ୍ୟର ଦୁଇ ପାର୍ଶ୍ୱ ଘଞ୍ଚ ଅରଣ୍ୟରେ ଭରି ରହିଥିଲା । ସେଇ ଅରଣ୍ୟର ନାମ ଥିଲା କାମ୍ୟକ ଅରଣ୍ୟ । କାମ୍ୟକ ଅରଣ୍ୟରେ ନାନାଦି ପ୍ରକାରର ଜୀବଜନ୍ତୁ ସିଂହ, ବାଘ,ହାତୀ, ଭାଲୁ ଭଳି ବଡ଼



ବଡ଼ ବନ୍ୟ ଜନ୍ତୁଙ୍କ ସହ ହରିଣ, କୋକିଶିଆଳି, ଗଧିଆ, ବଣ ବିରାଡ଼ି ଆଉ ବିଭିନ୍ନ ରକମର ପକ୍ଷୀ ମଧ୍ୟ ବାସ କରୁଥିଲେ । ମୂଷା ଦଳର ମହାରାଜ ବ୍ରଜରାଜଙ୍କ ରାଜପୁତ୍ର ବୋବୋ ଦେବଙ୍କ ବିବାହ ବୟସ ଉପନୀତ ହେଇ ସାରିଥିଲା । ମହାରାଜ ବ୍ରଜରାଜଙ୍କ ଅନ୍ତେ, ତାଙ୍କ ସିଂହାସନର ଉତ୍ତୋରଧିକାରୀ ସେ ହେବେ । ବୋବୋ ଦେବ ନିଜ ବୀର ଓ ଦୟାଳୁ ଗୁଣ ପାଇଁ ସମସ୍ତଙ୍କର ପ୍ରିୟ ଥିଲେ । କାଳବିଳମ୍ବ ନକରି ମହାରାଜ ବ୍ରଜରାଜ ସେନାପତି ବଗିରାଙ୍କୁ ରାଜକୁମାରଙ୍କ ପାଇଁ କନ୍ୟା ଖୋଜିବାକୁ ଆଦେଶ ଦେଇଥିଲେ । ହେଲେ ତାଙ୍କର ଗୋଟିଏ ବିଚିତ୍ର ସର୍ତ୍ତ ଥିଲା । ସେ ସର୍ତ୍ତ ପୂରଣ ହେଲେ ଯାଇ ବିବାହ ହେଇପାରିବ ।

ସେନାପତି ବଗିରା ଲାଗିପଡିଲେ କନ୍ୟା ଖୋଜିବାରେ । ବହୁତ ମୂଷିକ ରାଜ ପରିବାରର ସୁନ୍ଦର ସୁନ୍ଦର ଗୁଣବତୀ କନ୍ୟା ଖୋଜିଲେ । କିନ୍ତୁ କନ୍ୟାମାନଙ୍କ ପିତା ସର୍ତ୍ତ ପୂରଣ କରିବାକୁ ଅସମର୍ଥ ଥିଲେ । ଶେଷରେ ବାଧ ହେଇ କାମ୍ୟକ ଅରଣ୍ୟର ଦକ୍ଷିଣ ଦିଗରେ ଥିବା ବିରାଟ ପର୍ବତର ଗର୍ତ୍ତ ଭିତରେ ଗୋଟେ ଧଳାରଙ୍ଗର ବଡ ମୂଷାଦଳ ରହୁଥିଲେ । ସେଇ ମୂଷିକ ଦଳର ଦଳପତି ମଲ୍ଲୁକ ନିଜ ଏକମାତ୍ର ଧଳା ଫର୍ ଫର୍ ସୁନ୍ଦରୀ କନ୍ୟା ମଲ୍ଲିକାକୁ ରାଜକୁମାର ବୋବୋ ଦେବଙ୍କ ସହ ବିବାହ ଦେବା ପାଇଁ ସବୁ ସର୍ତ୍ତରେ ରାଜି ହେଇଗଲେ ।

ବାହାଘରର ଆୟୋଜନ ଜୋରସୋରରେ ଆରମ୍ଭ ହେଇ ଯାଇଥାଏ । ଅରଣ୍ୟ ବୃକ୍ଷ ସହ ରାଜଗୁମ୍ଫାକୁ ବିବିଧ ରଙ୍ଗୀନ ଆଲୁଅରେ ସୁସଜ୍ଜିତ କରାଯାଇଥାଏ । ବ୍ୟାଣ୍ଡ ବାଜା, ଖାଇବା ପିଇବା ବ୍ୟବସ୍ଥା ହେଇଥାଏ । ସବୁ ମୂଷାମାନେ ଚଳଚଞ୍ଚଳ । ସମସ୍ତେ ଖୁସିରେ ମସଗୁଲ । ରାତି ପାହିଲେ ରାଜକୁମାର ବୋବୋ ଦେବଙ୍କ ବିବାହ ହେବ । ସମସ୍ତଙ୍କ ମନରେ ଆଉ ଗୋଟିଏ ଉତ୍ସୁକତା ମଧ ଜାଣିବାକୁ ଯେ ମହାରାଜାଙ୍କ ସର୍ତ୍ତ କ'ଣ ଥିଲା ? ଯାହାକୁ କୌଣସି ରାଜା ପରିବାର ଅସମର୍ଥ ଥିଲା ବେଳେ ଦଳପତି ମଲ୍ଲୁକ କେମିତି କରିପାରିଲେ ? ମହାରାଜା ବ୍ରଜରାଜଙ୍କ ନଗରର ସମସ୍ତ ମୂଷକମାନଙ୍କ ମନରେ ଅନେକ ଜିଜ୍ଞାସା ।

ସେପଟେ ଦଳପତି ମଲ୍ଲୁକଙ୍କ ଆଖିରେ ନିଦ ନାହିଁ । ସ୍ୱୟଂ ନିଜ ତତ୍ୱାବଧାନରେ ଦାୟିତ୍ୱ ନିର୍ବାହ କରୁଥାନ୍ତି । ସେ ରାତି ସାରା ଅନିଦ୍ରା ରହିଛନ୍ତି ମହାରାଜା ବ୍ରଜରାଜଙ୍କ ସର୍ତ୍ତ ପୂରଣ କରିବାକୁ । କିଛି ବି ଏପଟ ସେପଟ ହେଇଗଲେ କନ୍ୟାର ବିବାହ ତ ବନ୍ଦ ହେବ ହିଁ ହେବ, ସେଥିରେ ମହାରାଜାଙ୍କ କୋପର ଶୀକାର ମଧ ହେବାକୁ ପଡିବ । ଏପଟେ ସେନାପତି ବଗିରା ମହାରାଜାଙ୍କ ସର୍ତ୍ତ ପୂରଣ ସୂଚାରୁରୂପେ ହେଉଛି ନା ନାହିଁ ଜାଣିବା ନିମନ୍ତେ ଚଗଲା ଚଗଲି ବଗ ଦୁଇଟିଙ୍କୁ ଗୁପ୍ତଚର କରି ପଠେଇଥାନ୍ତି ବଣୁଆ ଧଳା ମୂଷା ଦଳଙ୍କ ଗୁମ୍ଫା ଭିତରକୁ । କିଛି ଅସୁବିଧା ହେଲେ ଉଚିତ୍ ସମୟ ବ୍ୟବଧାନରେ ଯେମିତି ସେମାନେ ଖବର ଆଣି ପହଞ୍ଚେଇ ଦେବେ ସେନାପତି ବଗିରାଙ୍କ ପାଖରେ ।

ଏ ସବୁ ଭିତରେ କିନ୍ତୁ ଦୁଇଟି ମନଥିଲେ, ସେମାନଙ୍କ ଆଖିରେ ବି ନିଦ ନଥିଲା । ରାଜକୁମାର ବୋବୋ ଦେବ ଜୀବନର ନୂତନ ଅଧ୍ୟାୟ ଆରମ୍ଭ ହେବ ନେଇ ଅନେକ ଜିଜ୍ଞାସା ମନରେ ସୃଷ୍ଟି ହେଉଥିଲା । ଆଉ ଧଳା ସୁନ୍ଦରୀ ମୂଷି ମଲ୍ଲିକା ହାତରେ ଚୁଡ଼ି, ପାଦରେ ପାଉଁଜି ଏବଂ ନାଲି ଓଢ଼ଣୀ ପକେଇ ବିବାହର ରଙ୍ଗୀନ ସ୍ୱପ୍ନରେ ହଜି ଯାଇଥିଲା । ହେଲେ ଏଇ ଜଙ୍ଗଲରେ ଆଉ ଜଣେ ବି ଥିଲା । ଯାହାର ଖରାପ ନଜର ଥିଲା ଏଇ ବିବାହ ଉପରେ । ମହାରାଜା ବ୍ରଜରାଜଙ୍କ ସର୍ତ୍ତ କ'ଣ ଜାଣିବା ପାଇଁ ତାକୁ ମଧ ନିଦ ଆସୁ ନଥିଲା । ଆଉ ଚାହୁଁଥିଲା ବିବାହ କେମିତି ଭାଙ୍ଗିଯାଉ । କାରଣ, ରାଜକୁମାର ବୋବୋ ଦେବ ଥରେ ତାକୁ ଯୁଦ୍ଧରେ ହରେଇ ଦେଇଥିଲେ । ସାମାନ୍ୟ ମୂଷକଠାରୁ ହାରିଯାଇଥିବାର ଅପମାନର ପ୍ରତିଶୋଧ ନେବାକୁ ଚାହୁଁଥିଲା କାଳୀ କୋକିଶିଆଳୀ ମୁଖି ନାନୀ ।

ବିବାହ ଦିନ ସକାଳୁ ଉଠି ନିତ୍ୟକର୍ମ ସାରିବା ପାଇଁ ମଲ୍ଲିକା ଯେମିତି ପୋଖରୀ କୂଳକୁ ଆସିଲା । ମୁଖି ନାନୀ ଆଉ ତା' ସାଙ୍ଗମାନେ ମଲ୍ଲିକାର ପରିଚାରିକାମାନଙ୍କୁ ଡରେଇ ଧମକେଇ ମଲ୍ଲିକାକୁ ସାଙ୍ଗରେ ଉଠେଇ ନେଲେ । ଗଲାବେଳେ ମୁଖିନାନୀ ପରିଚାରିକାମାନଙ୍କୁ କହିଲା, 'ଯାଅ.. କହିଦେବ ରାଜକୁମାର ବୋବୋ ଦେବଙ୍କୁ । ତାଙ୍କୁ ନିଜେ ଆସି ନିଜ ବରକନ୍ୟାକୁ ମୁକୁଳାଇବାକୁ ପଡିବ ଏବଂ ମହାରାଜାଙ୍କ ସର୍ତ୍ତ ବିଷୟରେ ମଧ ଜଣେଇବେ । ସର୍ତ୍ତ ଭାବରେ ପାଉଥିବା ଯୌତୁକର ସବୁ ସମ୍ପତ୍ତି ମୋତେ ଦେବେ । ତେବେ ଯାଇ ମଲ୍ଲିକାକୁ ଛାଡି ଦେବି ।' ଚଗଲା ଚଗଲି ବଗ ଦୁଇଜଣ ନିଜେ ଆକ୍ରମଣ କରି ଚେଷ୍ଟା କରିଥିଲେ ମଲ୍ଲିକାକୁ ବଞ୍ଚେଇବାକୁ କିନ୍ତୁ କ୍ଷତାକ୍ତ ହେଇଗଲେ । ଦଳପତି ମଲ୍ଲୁକ ମୁଣ୍ଡରେ ହାତ ଦେଇଦେଲେ । କ'ଣ କରିବେ କିଛି ବୁଦ୍ଧି ଦିଶୁ ନଥିଲା । ବଡ କଷ୍ଟରେ ଚଗଲା ଚଗଲି ଉଡିଯାଇ ସେନାପତି ବଗିରାଙ୍କୁ ଖବର ଦେଲେ । ଖବର ଶୁଣି ସମସ୍ତେ ସ୍ତବ୍ଧ ।

ରାଜକୁମାର ବୋବୋ ଦେବ ନିଷ୍ପତ୍ତି ନେଲେ ସେ ସ୍ୱୟଂ ଯିବେ ମଲ୍ଲିକାକୁ ରକ୍ଷା କରିବା ପାଇ । ମହାରାଜା ବ୍ରଜରାଜ କହିଲେ, 'ମଙ୍ଗୁଳା ବର ଏମିତି ବାହାରି ଯିବା ଅଶୁଭ । ତୁମ ପାଇଁ ଆଉ ଗୋଟେ କନ୍ୟା ଖୋଜି ଦେବା ।' ରାଜକୁମାର ବୋବୋ ଦେବ ଆଶ୍ଚର୍ଯ୍ୟ ହେଇ କହିଲେ, 'ପିତା ଏଇ ଦୁର୍ଘଟଣା ଯଦି ବିବାହ ପରେ ହେଇଥାନ୍ତା, ସେତେବେଳେ ବି ଆପଣ କ'ଣ କହିଥାନ୍ତେ ଯେ ଘରର ବୋହୂର ଜୀବନ ରକ୍ଷା କରିବା ଆବଶ୍ୟକ ନୁହଁ ବୋଲି ?' ସେନାପତି ବଗିରା ଗର୍ବରେ କହିଲେ, 'ବାଃ... ରାଜକୁମାର... ବାଃ ! ଆପଣଙ୍କ ପରି ସମସ୍ତେ ଭାବିବା ଉଚିତ୍ ।'

ସେନାପତି ଏବଂ ରାଜକୁମାର ନିଜ ସୈନ୍ୟ ନେଇ ପହଞ୍ଚିଲେ ମୁଖି ନାନୀ ପାଖରେ । ସାଙ୍ଗରେ ଦଳପତି ମଲ୍ଲୁକ ଏବଂ ତାଙ୍କ ସୈନ୍ୟ ମଧ ଥିଲେ । ଏଥର ? ମୁଖି ନାନୀ ଓ ରାଜକୁମାର ସାମ୍ନାସାମ୍ନି ହେଇ ଛିଡ଼ା ହେଇଥିଲେ ।

ମୁଖି ନାନୀ ଆଖି ବଡ ବଡ କରି କହିଲା, 'ଶୁଣିଥିଲି ତୁ କୁଆଡ଼େ ଆଦର୍ଶବାନ ରାଜକୁମାର । କାମ୍ୟକ ଅରଣ୍ୟର ନିୟମ ଅନୁଯାୟୀ ଯୌତୁକ ନେବା ଦେବା ଦଣ୍ଡନୀୟ ଅପରାଧ । ଅଥଚ ବିବାହରେ ଯୌତୁକ ପୂରଣ କରିବାର ସର୍ତ୍ତ ରଖିଲୁ କେମିତି ? ସେଦିନ ଠେକୁଆର ଜୀବନ ବଞ୍ଚେଇବା ପାଇଁ ନୀତିବାଣୀ ଶୁଣାଉଥିଲୁ ଆଉ ଆଜି ମଲ୍ଲିକା ଜୀବନ ବଞ୍ଚେଇବାକୁ କ'ଣ ନୀତିବାଣୀ ଶୁଣେଇବୁ ? ଆଉ ଏତେ ଡରିଗଲୁ ଯେ ଏତେ ବଡ଼ ସୈନ୍ୟ ସାମନ୍ତ ଧରି ଆସିଛୁ ! ରାଜକୁମାର ବୋବୋ ଦେବ ଶାନ୍ତ ହେଇ କହିଲେ, 'ମୁଖି ନାନୀ ମୁଁ ତମକୁ କେବେ ନିଜ ଶତ୍ରୁ ଭାବେ ଦେଖି ନାହିଁ । ତେଣୁ ଅଯଥା ଯୁକ୍ତି କରି ଲାଭ ନାହିଁ । ସର୍ତ୍ତ ମୁଁ ରଖି ନଥିଲି । ମହାରାଜ ସର୍ତ୍ତ ରଖିଥିଲେ । ଅରଣ୍ୟ ସମ୍ବଳ କିମ୍ବା ସମ୍ପତ୍ତି ଯୌତୁକ ଦାବି ରଖି ନଥିଲେ ମହାରାଜ । ତାଙ୍କ ସର୍ତ୍ତ ଦଳପତି ମଲ୍ଲୁକ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ ତେଣୁ ଏଇଠି ବିବାହ ସ୍ଥିର ହେଲା । ତା' ଛଡ଼ା ମଲ୍ଲିକା ମୋତେ ପସନ୍ଦ ମଧ ହେଲା ।'

'ଯଦି ଅରଣ୍ୟ ସମ୍ବଳ ନୁହଁ କି ଜାନି ଯୌତୁକ ନୁହଁ, ତା'ହେଲେ ସର୍ତ୍ତ ଥିଲା କ'ଣ ?' ଗର୍ଜନ କରି ଉଠିଲା କୋକିଶିଆଳୀ ମୁଖି ନାନୀ । କଳାରଙ୍ଗକୁ ରାଗରେ ଜଳୁଥିବା ଆଖି ଯୋଡ଼ିକ ତା'ର ଆହୁରି ଭୟଙ୍କର ଦିଶିଲା । ରାଜକୁମାର ବୋବୋ ଦେବ କହିଲେ, 'ମହାରାଜାଙ୍କ ସର୍ତ୍ତ ବିଷୟରେ ଆମେ କେହି କିଛି ଜାଣି ନାହୁଁ । ଆଜି ବିବାହ ସମ୍ପନ୍ନ ହେବା ପରେ ହିଁ ସମସ୍ତ ଜାଣିଥାନ୍ତେ । ହେଲେ ...'ରାଜକୁମାରଙ୍କୁ ଆଉ କହିବାକୁ ନଦେଇ ମୁଖି ନାନୀ ପୁଣି ଗର୍ଜି ଉଠିଲା, 'ମୋତେ କ'ଣ ବୋକା ବୋଲି ଭାବିଲୁ ? ସର୍ତ୍ତ ବିଷୟରେ ନଜଣେଇଲେ ଏଇ ମୁହୂର୍ତ୍ତରେ ମଲ୍ଲିକାକୁ ମାରିଦେବି ।'

ସେନାପତି ବଗିରା ଆଗକୁ ମାଡି ଆସି ହାତ ଯୋଡ଼ି ଛିଡା ହେଲେ । ମୁଣ୍ଡ ତଳକୁ ପୋତି କହିଲେ, 'ରାଜକୁମାର ସତ କହୁଛନ୍ତି । ମହାରାଜାଙ୍କ ସର୍ତ୍ତ ବିଷୟରେ କେବଳ ମହାରାଜ, ମୁଁ ଏବଂ କନ୍ୟାର ପିତାଙ୍କ ବ୍ୟତୀତ ଆଉ କେହି ଜାଣି ନାହାଁନ୍ତି । ମହାରାଜା କୌଣସି ଯୌତୁକ ଦାବି କରି ନଥିଲେ । ତାଙ୍କର କେବଳ ଗୋଟିଏ ସର୍ତ୍ତ ଥିଲା । ବିବାହ ଭୋଜିରେ ବରଯାତ୍ରୀଙ୍କ ପାଇଁ 'ମୂର୍ଗ ମୁସଲ୍ଲମ' ରନ୍ଧା ହେବ । ବହୁତ ଦିନ ତଳେ କାମ୍ୟକ ଅରଣ୍ୟରେ ଥରେ ମୋଗଲ ସାମନ୍ତଙ୍କ ଛାଉଣୀ ପଡ଼ିଥିଲା । ଆମେମାନେ ଡାଲି, ଚାଉଳ ଚୋରାଇବାକୁ ଯାଇଥିଲୁ । ସେତେବେଳେ ମୋଗଲ ସୈନିକ 'ମୂର୍ଗ ମୁସଲ୍ଲମ' ରାନ୍ଧୁ ଥିଲେ । ସେଇ ବାସ୍ନାରେ ଚଉଦିଗ ମହକି ଯାଉଥିଲା । ଆମେମାନେ ଲୋଭରେ ସେଇ ଛାଉଣୀରେ ଉତ୍ପାତ ମଚେଇ 'ମୂର୍ଗ ମୁସଲ୍ଲମ' ଖାଇଥିଲୁ । ଦଳପତି ମଲ୍ଲୁକ କହିଲେ, ସେ ସର୍ତ୍ତ ପୂରଣ କରିପାରିବେ ଏବଂ ତାଙ୍କ କନ୍ୟା ମଲ୍ଲିକା ସୁନ୍ଦରୀ ଆଉ ଗୁଣବତୀ ମଧ । ତେଣୁ ସେଇଠି ବିବାହ ସ୍ଥିର ହେଇଥିଲା ।'

ଏଥର ଦଳପତି ମଲ୍ଲୁକ କହିଲେ, 'କିଶୋର ଅବସ୍ଥାରେ ମୁଁ ବହୁତ ବର୍ଷ ମୁଗଲ ଶାସକଙ୍କ ଘରେ ସମୟ କାଟିଥିଲି । 'ମୂର୍ଗ ମୁସଲ୍ଲମ' ବିଷୟରେ ଜାଣିଥିଲି । ମୁଁ ନିଜେ ସେଥିପାଇଁ କାଲି ରାତ୍ରି ଅନିଦ୍ରା ରହି ବରଯାତ୍ରୀଙ୍କ ପାଇଁ ଏଇ ଦାୟିତ୍ୱ ନିର୍ବାହ କରୁଥିଲି ।'' ଧୀରେ ଧୀରେ ମୁଖି ନାନୀର ରାଗ ଶାନ୍ତ ପଡ଼ିଗଲା । କିନ୍ତୁ ତଥାପି ଚଢାଗଳାରେ କହିଲା, 'ମଲ୍ଲିକାକୁ ଛାଡି ଦେବି ଏବଂ ରାଜକୁମାର ଓ ମଲ୍ଲିକା ବିବାହରେ ବାଧା ମଧ ଉତ୍ପନ୍ନ କରିବି ନାହିଁ । କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି ।' ସର୍ତ୍ତ କଥା ଶୁଣି ସମସ୍ତେ ଡରିଗଲେ । ସେନାପତି, ଦଳପତି ଏବଂ ରାଜକୁମାର ଭାବୁଥିଲେ ମୁଖି ନାନୀ ରାଜକୁମାରଙ୍କଠାରୁ ପ୍ରତିଶୋଧ ନେବାକୁ ଚାହୁଁଛି । କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ମୁଖି ନାନୀ କହିଲା, ' ମୁଁ ବି ବରଯାତ୍ରୀଙ୍କ ସହ ମିଶି 'ମୂର୍ଗ ମୁସଲ୍ଲମ' ଖାଇବି ।'

କାହାରି କାନକୁ ବିଶ୍ୱାସ ହେଉ ନଥିଲା । ସମସ୍ତେ ଭୂତ ଦେଖିଲା ଭଳିଆ ଚାହିଁ ରହିଥିଲେ । କାଳୀ କୋକିଶିଆଳୀ ମୁଖି ନାନୀ ପୁଣି କହିଲା, 'ବିବାହ ପୂର୍ବରୁ ହିଁ ରାଜକୁମାର ବୋବୋ ଦେବ ଯେତେବେଳେ ମଲ୍ଲିକାକୁ ବଞ୍ଚେଇବା ପାଇଁ ଆସି ପହଞ୍ଚିଲେ, ସେତିକିବେଳେ ହିଁ ମୋର ତାଙ୍କ ପ୍ରତି ଥିବା ଶତ୍ରୁ ଭାବନା ମରିଗଲା । ବିବାହ ହେଉ ବା ନହେଉ କନ୍ୟାର ସମ୍ମାନ ରକ୍ଷା କରିବା ପାଇଁ ତତ୍ପର ଥିବା ବର ଜଣକ ନିହାତି ଯୋଗ୍ୟବାନ । ତେଣୁ ମୁଁ ବି ବରଯାତ୍ରୀଙ୍କ ସହ ସାମିଲ ହେବି ।' ସମସ୍ତେ ଖୁସିରେ ମୁଖି ନାନୀର ଜୟ ଜୟକାର କରିଲେ । ବଡ ଆଡ଼ମ୍ବରରେ ରାଜକୁମାର ବୋବୋ ଦେବ ଓ ଗୋରୀ ମୂଷି ମଲ୍ଲିକାର ବିବାହ ସମ୍ପନ୍ନ ହେଲା । ମହାରାଜା ବ୍ରଜରାଜଙ୍କ ସମତେ ମୁଖିନାନୀ ଏବଂ ବରଯାତ୍ରୀ ଦଳ ପରମ ଆନନ୍ଦରେ ବିବାହ ଭୋଜିରେ 'ମୂର୍ଗ ମୁସଲ୍ଲମ' ପେଟ ଭର୍ତ୍ତି କରି ଖାଇଲେ । ମୋ କଥାଟି ସରିଲା ଫୁଲଗଛଟି ମରିଲା... ।

+ ପୁନେ, ମହାରାଷ୍ଟ୍ର
ମୋବାଇଲ୍ - ୯୧୬୮୦୫୩୮୬୮

## କବିତା ତୁମ ପାଇଁ

### କାଳବଇଶାଖୀ ଡର

ପ୍ରଶାନ୍ତ କୁମାର ଦାଶ

ଦିନ ଗଡିଗଲେ ଖରା ମଉଳଇ
ପଶ୍ଚିମେ ବୁଡ଼ଇ ରବି
ମେଘୁଆ ଦିଶଇ ଗାଆଁ ଓ ସହରେ
ଦୂର ଆକାଶର ଛବି ।

ବରଷା ବତାସ ବିଜୁଳିକୁ ଆଣି
କାଳବଇଶାଖୀ ଆସେ
ଘଡଘଡି ମାରେ ତଳେ ଖସିପଡି
ଜୀବର ଜୀବନ ନାଶେ ।

ଧିରେ ବଢିଯାଏ ପବନର ବେଗ
ଭାଙ୍ଗିଦିଏ ଚାଳଘର
ଉଜୁଡ଼ା ଘରକୁ ଦେଖି ନିରିମାଖି
ମଣିଷକୁ ଲାଗେଡର ।

ବୋଉର ବଗିଚା ଫୁଲ ଫଳ ଗଛ
ପବନ ଦିଅଇ ଭାଙ୍ଗି
ବୋଉର ଆଖିରେ ଲୁହ ଭରିଯାଏ
କାଳବଇଶାଖୀ ଲାଗି ।

ଛୋଟ ଛୋଟ ଗଛ ଉପୁଡ଼ାଇଦିଏ
କାଳବଇଶାଖୀ ଝଡ଼
ଛାରଖାର ହୁଏ ଟିକି ଚଢେଇର
ହାତଗଢ଼ା ଟିକି ନୀଡ଼ ।

ଅସହାୟ ହେଇ ବଣ ପଶୁପକ୍ଷୀ
ପଳାଇ ଯାଆନ୍ତ ଦୂରେ
ଦେଖି ଶିରୀହୀନ ସବୁଜ ସୁଷମା
ମଣିଷର ମନ ଝୁରେ ।

ଖରାର ଉତ୍ତାପ ଡାକିତ ଆଣଇ
କାଳବଇଶାଖୀ ଝଡ଼
ତାର ଭୟାବହ ରୂପ ଦେଖି ଆମ
ଛାତି ହୁଏ ଧଡ଼ ଧଡ଼ ।

ଖରା କମିଗଲେ ରହିବନି ଆଉ
କାଳବଇଶାଖୀ ଡର
ନିରୀହ ମଣିଷ ସଜାଡ଼ିବ ତାର
ସରସ ସୁନ୍ଦର ଘର ।

+କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
ମୋ:୯୬୬୮୮୨୨୧୯୦

### ଆସ ଥରେ

କୀର୍ତ୍ତନ ସାହୁ

ଆସ ଥରେ ଆମ ବାଡି ବଗିଚାକୁ
ଦେଖିବ ସୁନ୍ଦର ଚାଷ
କେମିତି ବାଗରେ ଫୁଲ ଫଳ ହୋଇ
ମହକି ଉଠୁଛି ବାସ ।

ସେଇ ବଗିଚାରେ ନିଇତି ସକାଳେ
ପାଣି ଦିଏ କାମ କରେ
କାମ କଲେ ଦେହ ଭଲ ଲାଗି ଥାଏ
ମନରେ ଆନନ୍ଦ ଭରେ ।

ଆସ ଥରେ ଆମ ଗାଆଁ ଦାଣ୍ଡ ବୁଲି
ଦେଖିବ ପିଲାଙ୍କ ମେଳ
ଭାରି ହସ ଖୁସି ଅନାବିଳ ପ୍ରୀତି
ଲାଗି ଥିବ ନାନା ଖେଳ ।

ଆସ ଥରେ ଆମ ଗାଆଁ ନଈ କୂଳ
ଦେଖିବ ସୁନ୍ଦର ଶୋଭା
କାଚ ଧାର ପାଣି ଦୁଇ କୂଳେ ଗଛ
ଆହା କେଡ଼େ ମନଲୋଭା ।

ଆସ ଥରେ ଆମ ଗାଆଁ ମୁଣ୍ଡ ବୁଲି
ଦେଖିବ ବସିଛି ହାଟ
କେତେ କେତେ ଚିଜ କିଣା ବିକା ହୁଏ
ପେଟ ପାଟଣାର ନାଟ ।

ଆହୁରି କେତେ ଯେ ଭରି ରହି ଅଛି
ଆସ ଥରେ ଆମ ଗାଆଁ
ମନ ତମ ଭାରି ଖୁସି ହେଇ ଯିବ
ମନେ ରହିବ ତା ନାଆଁ ।

+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ଆ ମୋ କୁନା ସରଗଶଶି

ସୁନୀଲ କୁମାର ପ୍ରଧାନ

ଆ ମୋ କୁନା ସରଗଶଶି
କାହିଁକି ମନ ଯାଇଛି ଶୁଖି
ଅଝଟ ହୁଅନା ଧନ
ନକର ତୁ ଅଭିମାନ ।

ଆ ମୋ କୁନା ସରଗଶଶି
ଦୂରକୁ ଯିବି ଆଣିବି ଘଷି
କରିବି ତୋପାଇଁ ପିଠା
ପାଟି କରିବୁରେ ମିଠା ।

ଆ ମୋ କୁନା ସରଗଶଶି
ବଢୁଛି ଖରା ବହୁତ ତାତି
ହାତରେ ଧରିବୁ ଛତା
ପାଦରେ ପିନ୍ଧିବୁ ଜୋତା ।

ଆ ମୋ କୁନା ସରଗଶଶି
ଚାଲୁଛି କୁନା ଆଗକୁ ମାତି
ବଜାରୁ କିଣିଲା ଚୁନା
ନହୋଇ ସେ ଆନମନା ।

ଆ ମୋ କୁନା ସରଗଶଶି
ମାଆକୁ ଦେଲା ସେ ସବୁ କିଛି
ରୋଷେଇ କରିଲେ ନେଇ
ସେଁ ସେଁ ଶୁଭେ ପିଠା ଭାଇ ।

ଆ ମୋ କୁନା ସରଗଶଶି
ଖାଆରେ ପିଠା ତୁ ବସି ବସି
ପିଠା ଖିଆ ତା ସରିଲା
ହାତରେ ବହି ଧରିଲା ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬



# ୨୦୦୮ରୁ ବଡ଼ ଡାକ୍ତରଖାନାରେ ପଡ଼ିଛି ବ୍ୟବଚ୍ଛେଦ ରିପୋର୍ଟ: ରିପୋର୍ଟ ଅପେକ୍ଷାରେ ୬ଶହରୁ ଅଧିକ ମୃତକଙ୍କ ପରିବାର

## ବୀମା ସହାୟତା, କ୍ଷତିପୂରଣ ମିଳିବାରେ ସମସ୍ୟା

କଟକ, ୩୧/୫ (ନି.ପ୍ର): କଟକ ବଡ଼ ଡାକ୍ତରଖାନାରେ ହେଉଥିବା ଶବ ବ୍ୟବଚ୍ଛେଦର ରିପୋର୍ଟ ସହଜରେ ମିଳୁନି। ଏବେ ପାଖାପାଖି ୬ଶହରୁ ଅଧିକ ରିପୋର୍ଟ ମିଳି ନଥିବା ବେଳେ ଏଭଳି କିଛି ଘଟଣା ଅଛି, ଯେଉଁମାନଙ୍କର ରିପୋର୍ଟ ୨୦୦୮ରୁ ବି ପଡ଼ିରହିଛି। ରିପୋର୍ଟ ଠିକ୍ ସମୟରେ ମିଳୁ ନଥିବାରୁ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ହେଉଥିବା ମୃତକଙ୍କ ପରିବାର ସରକାରୀ କ୍ଷତିପୂରଣ, ଜୀବନବୀମା ରାଶି ପାଇବାରୁ ବଞ୍ଚିତ ରହୁଛନ୍ତି। ତହସିଲ ଅଫିସ, ଆରଆଇ ଅଫିସ ଓ କଟକ ମଙ୍ଗଳବାଗ ଥାନାକୁ ଦୌଡ଼ି ଦୌଡ଼ି ଥକିଲା ପରେ ବି ମୃତକଙ୍କ ପରିବାର ଲୋକ ନିରାଶ ହେଉଛନ୍ତି। ଅଂଶୁଘାତ, ବନ୍ୟା, ଭୂସ୍ଖଳନ, ବର୍ଷା, କୁଆପଥର ମାଡ଼, ବାତ୍ୟା, ଘଡ଼ଘଡ଼ି, ସାପ କାମୁଡ଼ା, ଅଗ୍ନିକାଣ୍ଡ, ପାଣିରେ ବୁଡ଼ିଯିବା, ଡଙ୍ଗା ବୁଡ଼ିରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶୀ ପ୍ରଦାନ କରାଯାଏ। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ସହାୟତା ଦିଆଯାଏ। ଅନ୍ୟପଟେ କୌଣସି ବୀମାଭୁକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ, ତାଙ୍କ ଉତ୍ତରାଧିକାରୀଙ୍କୁ ବୀମା ରାଶୀ ପ୍ରଦାନ କରାଯାଇଥାଏ। କିନ୍ତୁ ଏହି ଦୁଇଟି କ୍ଷେତ୍ରରେ ଅର୍ଥ ରାଶୀ ମିଳିବା କ୍ଷେତ୍ରରେ ବାଧକ ହୋଇଛି ବ୍ୟବଚ୍ଛେଦ ରିପୋର୍ଟ। ବଡ଼ ଡାକ୍ତରଖାନାର ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗ(ଏଫଏମଟି) ଡାକ୍ତର ବର୍ଷ ବର୍ଷ ଧରି ଏହି ରିପୋର୍ଟକୁ ପ୍ରସ୍ତୁତ ନକରି ପକାଇ ରଖୁଛନ୍ତି। ପ୍ରାକୃତିକ ଦୁର୍ବିପାକରେ ମୃତ୍ୟୁ ହେବା ଘଟଣାରେ ଯେତେବେଳେ ଅର୍ଥରାଶୀ ପାଇବା ପାଇଁ ପରିବାର ଲୋକେ ନିଜ ଅଞ୍ଚଳର ତହସିଲଦାରଙ୍କ ନିକଟରେ ଆବେଦନ କରୁଛନ୍ତି, ତହସିଲଦାର ସମ୍ପୃକ୍ତ ଆରଆଇ(ରାଜସ୍ୱ ନିରୀକ୍ଷକ)ଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଆରଆଇ ତଦନ୍ତ ସମୟରେ ମୃତ୍ୟୁର ପ୍ରମାଣ କାରଣ ଜାଣିବାକୁ ଯେତେବେଳେ ବ୍ୟବଚ୍ଛେଦ ରିପୋର୍ଟ ପରିବାର ଲୋକଙ୍କୁ ଦାଖଲ କରିବାକୁ କହୁଛନ୍ତି, ପରିବାର ଲୋକେ ଏହି ରିପୋର୍ଟ ଠିକ୍ ସମୟରେ ଦାଖଲ କରିପାରୁନାହାନ୍ତି। ଯେହେତୁ ବଡ଼ ଡାକ୍ତରଖାନା ପକ୍ଷରୁ ରିପୋର୍ଟ ଠିକ୍ ସମୟରେ ପ୍ରସ୍ତୁତ କରାଯାଉନାହିଁ, ସେଥିପାଇଁ ଏ ପ୍ରକାର ସମସ୍ୟା ସୃଷ୍ଟି ହେଉଛି। ସରକାରୀ କ୍ଷତିପୂରଣ ସହିତ ବୀମା ରାଶୀ ପରିବାର ଲୋକେ ପାଇବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି। ମୃତ୍ୟୁର କାରଣ ସମ୍ପର୍କିତ ତଥ୍ୟ ଦାଖଲ କରାଇ ନପାରିବାରୁ ପରିବାର ଲୋକେ ଏହି ଟଙ୍କା ପାଇବା ପାଇଁ ଘାଣ୍ଟି ହେଉଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ସଂକ୍ରାନ୍ତ ନିୟମ ଅନୁଯାୟୀ, ଯେଉଁଦିନ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହେଉଛି, ସେହିଦିନ




ବ୍ୟବଚ୍ଛେଦ କରି ରିପୋର୍ଟ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କୁ ଡାକ୍ତର ରିପୋର୍ଟ ଦେବାକଥା। ବ୍ୟବଚ୍ଛେଦ ରିପୋର୍ଟରେ ଥିବା କନକ୍ଲୁଜନରେ ବ୍ୟବଚ୍ଛେଦ କରିଥିବା ଡାକ୍ତର ସର୍ବାଧିକ ୭ରୁ ୮ ଧାଡ଼ି ଲେଖିଥାନ୍ତି। ଯଦି ମୃତ୍ୟୁ ମାମଲା ରହସ୍ୟଜନକ ଥାଏ, ତେବେ ସେହି ମାମଲାରେ ଡାଏଟମ୍ ଓ ଭେସେରା ପରୀକ୍ଷା ପାଇଁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯାଇଥାଏ। ଭେସେରା କିମ୍ବା ଡାଏଟମ୍ ପରୀକ୍ଷା ରିପୋର୍ଟ ଫରେନସିକ୍ ସାଇନ୍ସ ଲାବରେଟୋରିରୁ ଗଲେ ସର୍ବାଧିକ ୧୫ ଦିନ ଭିତରେ ମିଳିବା କଥା। କଟକ ବଡ଼ ଡାକ୍ତରଖାନାରେ ଏହା ଏକ ବଡ଼ ସମସ୍ୟା ଭାବେ ସାମନାକୁ ଆସିଛି। ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବରେ ଆସୁଥିବାରୁ ସନ୍ଦେହରେ ଥିବା ମୃତ୍ୟୁ ମାମଲାର ତଦନ୍ତ ପ୍ରକ୍ରିୟା ବିଳମ୍ବ ହେବା ସହିତ କୋର୍ଟରେ ଶୁଣାଣି ପ୍ରକ୍ରିୟାରେ ବି ବିଳମ୍ବ ହେଉଛି। ଏଭଳି ଅନେକ ସନ୍ଦେହଜନକ ମାମଲାରେ ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରୁଥିବା ବେଳେ ବର୍ଷ ବର୍ଷ ପରେ ଯେତେବେଳେ ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା ଜନିତ ବୋଲି ଉଲ୍ଲେଖ କରାଯାଏ, ସେତେବେଳେ ଯଦିଓ ଏହା ହତ୍ୟା ମାମଲାକୁ ପରିବର୍ତ୍ତନ ହୋଇଥାଏ, କିନ୍ତୁ ପୁଲିସ ଏହି ମାମଲାରେ ଅନେକ ପ୍ରମାଣ ହରାଇ ବସୁଥିବା ବରିଷ୍ଠ ପୁଲିସ ଅଧିକାରୀ ମତ ରଖିଛନ୍ତି। ବର୍ଷକୁ ହାରାହାରି ୨୫ ଶହ ଶବ ବ୍ୟବଚ୍ଛେଦ ଜନିତ ଅପମୃତ୍ୟୁ ମାମଲା ମଙ୍ଗଳାବାଗ ଥାନାରେ ରୁଜୁ ହେଉଛି। ଯେଉଁ ହାରରେ ମାମଲା ରୁଜୁ ହେଉଛି, ବ୍ୟବଚ୍ଛେଦ ରିପୋର୍ଟ ବଡ଼ ଡାକ୍ତରଖାନାରୁ ମିଳିବା ସହଜ ହେଉନାହିଁ। ୨୦୨୩ରେ ୨୦୨ଟି, ୨୦୨୪ରେ ପ୍ରାୟ ୩୦୦ ବ୍ୟବଚ୍ଛେଦ ରିପୋର୍ଟ ପଡ଼ିରହିଥିବା ବେଳେ ୨୦୦୮ରୁ ଯଦି ହିସାବ କରାଯାଏ ତେବେ ଏହି ସଂଖ୍ୟା ୬୦୦ ଟପିଯିବ ବୋଲି ମଙ୍ଗଳାବାଗ ଥାନା ପୁଲିସ ସୂତ୍ରରୁ ସୂଚନା ମିଳିଛି। ମଙ୍ଗଳାବାଗ ଥାନା ଆଇଆଇସି ଉମାକାନ୍ତ ସାହୁଙ୍କ କହିବା ଅନୁଯାୟୀ, ୨୦୦୮ରୁ ବଡ ମେଡିକାଲରେ ମଙ୍ଗଳାବାଗ ଥାନାରେ ରୁଜୁ ହୋଇଥିବା ମାମଲାର ବ୍ୟବଚ୍ଛେଦ ରିପୋର୍ଟ ପଡ଼ି ରହିଛି। ରିପୋର୍ଟ ବିଳମ୍ବ ହେବା ପଛରେ ଏକାଧିକ କାରଣ ଥିବା ବେଳେ ଅନେକ ସମୟରେ ଡାକ୍ତର ବଦଳି ହୋଇ ଅନ୍ୟତ୍ର ଯାଉଥିବାରୁ ରିପୋର୍ଟ ଠିକ୍ ସମୟରେ ପ୍ରସ୍ତୁତ ହୋଇପାରୁ ନାହିଁ।

# ଜିରା ଗାଁରୁ ୯ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ: ଜଣେ ବ୍ରହ୍ମପୁର, ୩ ରାୟଗଡ଼ା ସ୍ଥାନାନ୍ତର



ପଦ୍ମପୁର, ୩୧/୫ (ନି.ପ୍ର): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଗୋଡ଼ିଆବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜିରା ଗାଁରେ ବ୍ୟାପିଲା ଡେଙ୍ଗୁ। ଗତ ୧୦ଦିନ ମଧ୍ୟରେ ୯ଜଣ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଏବଂ ତିନି ଜଣଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କୁ ସଚେତନ କରିଛନ୍ତି। ସୂଚନା ଅନୁଯାୟୀ, ଆକ୍ରାନ୍ତଙ୍କୁ ଜ୍ୱର ଓ ବାନ୍ତି ସହ ଗୋଡ଼ହାତ ବିନ୍ଧା ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସଲସଲ ନିଶାଲ (୨୧), ମଧୁ ସୂରିୟାଲୁ (୨୯), ବିକାଶ ସୁରିଆଲୁ (୩୨), ବୁଡୁ ବିଡ଼ିକା (୬୦), ଅଞ୍ଜନା ମହାନନ୍ଦିଆ (୨୪), ସଞ୍ଜୁ ଦାଶ (୨୪), କୃଷ୍ଣକେଶବ ପଣ୍ଡା (୫୦), ସୂର୍ଯ୍ୟ ଗୌଡ଼ (୪୦), ସୁଲୋଚନା ପରିପାକା (୬୬) ପ୍ରମୁଖଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କ ରକ୍ତ ପରୀକ୍ଷା ରିପୋର୍ଟ ଡେଙ୍ଗୁ ପଜିଟିଭ୍ ଆସିଥିଲା। ଉନ୍ନତ ଚିକିତ୍ସା ପାଇଁ କୃଷ୍ଣକେଶବଙ୍କୁ ଆଜି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ସଲସଲ ନିଶାଲ, ମଧୁ ସୂରିୟାଲୁ, ବିକାଶ ସୁରିଆଲୁଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ରତୁପର୍ଣ୍ଣା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଡାକ୍ତର ଶ୍ରୀନିବାସ, ବିପିଏମ୍ ମନୋଜ କୁମାର ପଣ୍ଡା, ମ୍ୟାଲେରିଆ ନିରୀକ୍ଷକ ଜୟଦେବ ନିମାଲପୁରୀ, ପିଏଚ୍ଇଓ ସଫିରା ରାଇକା, ନର୍ସିଂ ଅଫିସର ରୋଜମେରି ଦୀପ୍, ଏଏନ୍ଏମ୍ ବିଜୟଲକ୍ଷ୍ମୀ ଶବର, ନାଗେଶ୍ୱର ଶବର, ଆଶାକର୍ମୀ ମମତା ଦାଶ ପ୍ରମୁଖ ଜିରା ଗ୍ରାମକୁ ଯାଇ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ମଶାରି ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଏଥିସହିତ ମଶା ବଂଶ ବିସ୍ତାର କରୁଥିବା ସ୍ଥାନକୁ ସଫା କରିବାକୁ ପରାମର୍ଶ ଦେଇ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଗରମ ଯୋଗୁଁ ଲୋକମାନେ ମଶାରି ବ୍ୟବହାର ନ କରିବା ଏବଂ ନର୍ଦ୍ଦମା ପରିଷ୍କାର ନ ରଖିବା ଯୋଗୁ ଡେଙ୍ଗୁ ବ୍ୟାପୁଥିବା ଅନୁମାନ କରାଯାଉଛି।

# କିଡ଼ସ୍ ହାଇ ଇଂଟରନ୍ୟାସନାଲ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ୱାଟର କୁଲର ପ୍ରଦାନ

ବାଲେଶ୍ୱର, ୩୧/୫ (ନି.ପ୍ର): କିଡ଼ସ୍ ହାଇ ଇଂଟରନ୍ୟାସନାଲ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସ୍ତ୍ରୀ ଏବଂ ପ୍ରସୂତି ବିଭାଗ ସମ୍ମୁଖରେ ଏକ ୱାଟର କୁଲର ଦାନ କରାଯାଇଛି। ଏହାକୁ ଟ୍ରଷ୍ଟର ଭାଇସ୍ ଚେୟାରମ୍ୟାନ ଶ୍ରୀମତୀ ମୀନା ଗିଲରା ଦାନ କରିଛନ୍ତି। ବାଲେଶ୍ୱର ସହରର ସୁନାମଧନ୍ୟ ଡାକ୍ତର ପର୍ଶୁରାମ ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଅବସରରେ ଟ୍ରଷ୍ଟ ର ଚେୟାରମ୍ୟାନ ଶ୍ରୀମତୀ କବିତା ମାହେଶ୍ୱରୀ ସେଠାରେ ଉପସ୍ଥିତ ଥିଲେ। ଟ୍ରଷ୍ଟ ପକ୍ଷରୁ ସର୍ବଦା ଜନହିତକର କାର୍ଯ୍ୟ କରାଯାଉଛି ବୋଲି ଚେୟାରମ୍ୟାନ ମତବ୍ୟକ୍ତ କରିଥିଲେ। ଡାକ୍ତର ଶ୍ରୀ ସାହୁ ଟ୍ରଷ୍ଟ ର ଏହିପରି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହିତ ଜନହିତକର କାର୍ଯ୍ୟ ପାଇଁ ସେ ସବୁବେଳେ ଲୋକଙ୍କ ସହିତ ଜଡ଼ିତ ଅଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# କୋୟା ଆଦିବାସୀ ସଂପ୍ରଦାୟର ନିଆରା ପର୍ବ ଚୁମ୍ପ ପାଣ୍ଡୁ



ମାଲକାନଗିରି, ୩୧/୫ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ସବୁଠାରୁ ଅଧିକା ସଂଖ୍ୟାରେ ବସବାସ କରନ୍ତି କୋୟା ସଂପ୍ରଦାୟର ଜନଜାତି। କୋୟା ଜନଜାତି ସଂପ୍ରଦାୟରେ ରହିଛି ଭିନ୍ନ ଏକ ପରଂପରା ଓ ଚାଲିଚଳଣି। ଜିଲ୍ଲାର ଦୁର୍ଗମ ସୀମାନ୍ତ ଗ୍ରାମଗୁଡ଼ିକରେ କୋୟା ସଂପ୍ରଦାୟର ଲୋକେ ନିଜର ସଂସ୍କୃତି ଓ ପରଂପରାକୁ ନେଇ ୧୨ ମାସରେ ୧୩ ପର୍ବ ପାଳନ କରନ୍ତି। ସୀମାନ୍ତ ଗ୍ରାମଗୁଡିକରେ କିନ୍ତୁ ଆନ୍ଧ୍ରର ପ୍ରତିଛବି ଦେଖିବାକୁ ମିଳେ। ସୀମାନ୍ତ ଗ୍ରାମର ଲୋକେ ଆନ୍ଧ୍ରର ଝିଅଙ୍କୁ ବୋହୂ କରି ଆଣୁଥିବା ବେଳେ ଆନ୍ଧ୍ର ଲୋକେ ମଧ୍ୟ ମାଲକାନଗିରି ଜିଲ୍ଲାର ସୀମାନ୍ତରେ ବସବାସ କରୁଥିବା କୋୟା ସଂପ୍ରଦାର ଝିଅଙ୍କୁ ବୋହୂ କରି ନେଇଥିବା ନଜିର ରହିଛି। ସୀମାନ୍ତ ଆନ୍ଧ୍ରକୁ ଲାଗି ରହିଥିବା ଗାଁରେ କୋୟା ଜନଜାତିର ବାନ୍ଦାମ ଗୋଷ୍ଠୀ ବସବାସ କରନ୍ତି। ଏହି ବାନ୍ଦାମ ଗୋଷ୍ଠୀ ପାଳନ କରନ୍ତି ଚୁମ୍ପ ପାଣ୍ଡୁ। ଗ୍ରାମବାସୀ ଏକତ୍ରୀତ ହୋଇ ଗାଁର ଶେଷ ମୁଣ୍ଡରେ ରହିଥିବା ଆମ୍ବ ତୋଟାରେ ପୂଜାର୍ଚ୍ଚନା କରନ୍ତି। ପ୍ରଥମେ ଗ୍ରାମର ଡିଶାରୀ କୁକୁଡା, ଅଣ୍ଡା, ଧୂପଦୀପ ନେଇ ହୁଣ୍ଡି ଦେବତାଙ୍କୁ ଆରାଧନା କରନ୍ତି। ପରେ ଗ୍ରାମବାସୀଙ୍କଠୁ ଅଣାଯାଇ ଗୋଟିଏ ସ୍ଥାନରେ ରଖାଯାଏ। ଭଲ ଫସଲ ହେବା ଲକ୍ଷ୍ୟରେ ଏହି ପର୍ବ ମୁଖ୍ୟତଃ ପାଳନ କରାଯାଇଥାଏ। ଏହି ପୂଜା କଲେ ହିଁ ଗ୍ରାମବାସୀ ମହୁଲ ପତ୍ରେ ସୁରା ପାନ କରିପାରିବେ ଏବଂ ମହୁଲ ପତ୍ରକୁ ଛୁଇଁ ପାରିବେ। ଏହି ଅବସରରେ କୁକୁଡା ବଳି ସାଂଗକୁ ନାଚଗୀତର ଆସର ଜମେ। ଗୋଟିଏ ପଟେ ପୂଜା ଚାଲିଥିବା ବେଳେ ଅନ୍ୟପଟେ ଗ୍ରାମବାସୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୁଏ। ଦରସିଝା ଭାତ ସାଂଗକୁ ପାଣିଆ ଡାଲିକୁ ବେଶମଜାରେ ଖାଉଥିବା ଦେଖିବାକୁ ମିଳିଥିଲା। କିଏ ବସି ଖାଇବାକୁ ଭଲ ପାଏ ତ ଆଉ କିଏ ସିଆଡି ପତ୍ର ଦୋନାରେ ଭାତ ନେଇ ଘରକୁ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ମହିଳା ଓ ପୁରୁଷ ସମସ୍ତେ ସୁରା ପାନ କରି ଏହି ପର୍ବର ମଜା ଉଠାଉଥିଲେ। ପୂଜାର୍ଚ୍ଚନା ବେଳେ ଆନ୍ଧ୍ରର ବହୁ ଲୋକ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ଆସିବାର ଅଭିପ୍ରାୟ ସଂପର୍କରେ ପଚାରିବାରୁ ଏହି ଗ୍ରାମଗୁଡିକ ସହ ସଂପର୍କ ରହିଥିବା କହିଥିଲେ। ଜାନିଯାତ୍ରା ହେଉ ବା ବାହାଘର ହେଉ ପଡୋଶୀ ଆନ୍ଧ୍ରର ଲୋକେ ଏଠାକୁ ଆସିଥାନ୍ତି ବୋଲି ଗ୍ରାମବାସୀ କହନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରତିମାସରେ ଗାଁରେ କିଛି ନା କିଛି ପର୍ବ ରହିଥାଏ। ପନିପରିବାକୁ ଛୁଇଁବା ହେଉ ବା ଆମ୍ବ,ମହୁଲକୁ ଖାଇବା ହେଉ ଗ୍ରାମଦେବୀଙ୍କ ନିକଟରେ ପୂଜା ନହେଲେ ଏସବୁ ଜିନିଷ ଛୁଇଁ ନଥାଉ। କୋୟା ସଂପ୍ରଦାୟ ମଧ୍ୟରେ ରହିଥିବା ବିଭିନ୍ନ ପର୍ବ ମଧ୍ୟରେ ଚମ୍ପ ପାଣ୍ଡୁ ପର୍ବ ଅନ୍ୟତମ। ଏହା ତିନି ଦିନ ଧରି ଚାଲିଥାଏ। ଗ୍ରାମର ପ୍ରତ୍ୟେକ ଘରେ ତିନି ଦିନ ଧରି ରୋଷେଇ ବନ୍ଦ ରହେ। ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଏହି ପୂଜାରେ ଭାଗ ନିଅନ୍ତି। ଏଠାରେ ରନ୍ଧା ଯାଇଥିବା ଖାଦ୍ୟକୁ ଖାଇଥାନ୍ତି।

# ଅଂଶୁଘାତରେ ୨ ଜଣଙ୍କ ମୃତ୍ୟୁ ଅଭିଯୋଗ

ଭୁବନ, ୩୧/୫ (ନି.ପ୍ର):- ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଭୁବନ ରେ ୨ ଜଣ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବରରୁ ପ୍ରକାଶ ଯେ,ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଡାକ ବଙ୍ଗଳା ନିକଟସ୍ଥ ସୁଧାଂଶୁ ଭୂଷଣ ପୃଷ୍ଟି (୫୨) ଗ୍ରୀଷ୍ମ ପ୍ରବାହ କାରଣରୁ ନୁଆ ବଜାର ରେ ଅସୁସ୍ଥ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସଙ୍ଗେ ସଙ୍ଗେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଅନୁରୂପ ଭାବେ ଭୁବନ ବ୍ଲକ ଅନ୍ତର୍ଗତ ମଠାଖୋକସା ଗ୍ରାମର କବି ରାଉତ (୩୦) ନିଜ ଘରେ ବସିଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା କୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଭୁବନ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଭୁବନ ରେ ଆଜି ତାପମାତ୍ରା ୩୯ ଡିଗ୍ରୀ ଥିବା ବେଳେ ଗୁଳୁଗୁଳି ୫୨ ଡିଗ୍ରୀ ଥିଲା।

# ହଳଦୀ ଚାଷ ସ୍ୱାବଲମ୍ବୀ କରିଛି ସ୍ୱାଭିମାନ ଅଂଚଳବାସୀଙ୍କୁ



ମାଲକାନଗିରି, ୩୧/୫ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ପୂର୍ବରୁ ଥିବା ବିଚ୍ଛିନ୍ନାଂଚଳ ତଥା ବର୍ତମାନର ସ୍ୱାଭିମାନ ଅଞ୍ଚଳରେ ମୁଖ୍ୟତଃ ଜନସାଧାରଣଙ୍କ ଜୀବନ ଧାରଣର ପ୍ରମୁଖ ସାଜିଥିଲା ଗଞ୍ଜେଇ। ଏହି ଚାଷକୁ ଗୁରୁତ୍ୱ ଦେଇ ଚାଷ କରାଯାଉଥିଲା। ଏହି ଅଂଚଳରେ ପ୍ରାୟ ସମସ୍ତେ ଗଞ୍ଜେଇ ଚାଷ କରନ୍ତି ଓ ଏହା ମାଧ୍ୟମରେ ନିଜର ଜୀବିକା ନିର୍ବାହ କରୁଥିଲେ। କିନ୍ତୁ, ସ୍ଥିତି ବଦଳିବା ସହ ସମୟ ସୁଅରେ ସ୍ୱାଭିମାନ ଅଂଚଳରେ ସବୁଜ ଚାଷ ବଦଳରେ ପନିପରିବା ଠାରୁ ଆରମ୍ଭ କରି ଅର୍ଥକରୀ କଦଳୀ, ହଳଦୀ ଭଳି ଅନେକ ଚାଷକୁ ଗୁରୁତ୍ୱ ଦେଇଛନ୍ତି ଲୋକେ। ଏକଦା ମାଓ ଗଡ଼ ଓ ଜଳ ବନ୍ଦୀ ମଧ୍ୟରେ ଗଞ୍ଜେଇ ଚାଷର ଭଣ୍ଡାର ଏବଂ ଅପହଂଚ ଇଲାକାର ପରିଚୟ ପାଇ ରହି ଆସୁଥିବା ମାଲକାନଗିରି ଜିଲ୍ଲାର ବିଚ୍ଛିନ୍ନାଂଚଳରେ ରାଜ୍ୟ ସରକାର ନିଜର ଡ୍ରିମ ପ୍ରୋଜେକ୍ଟ ଗୁରୁପ୍ରିୟା ସେତୁକୁ ୨୦୧୮ ମସିହାରେ ସଫଳତାର ସହ ଶେଷ କରିବା ପରେ ସେହି ଅଂଚଳକୁ ସ୍ୱାଭିମାନ ଅଂଚଳରେ ନାମକରଣ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାପରେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବା ସହ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବିକାଶ ଧାରାରେ ଯୋଡି ହେଉଥିବା ସ୍ୱାଭିମାନ ଅଂଚଳରେ ସମୟ କ୍ରମେ ଲୋକେ ଗଞ୍ଜେଇ ଚାଷ ଅପେକ୍ଷା ହଳଦୀ ଚାଷ ମୁହାଁ ହୋଇଥିଲେ। ଯାହା ଫଳରେ ଅଂଚଳର ଲୋକେ ସ୍ୱାଭିମାନର ସହ ବଂଚିବା ଶିଖିଥିଲେ। ସ୍ୱାଭିମାନ ଅଂଚଳର ବିକାଶ ପାଇଁ ସରକାର ସଦା ସର୍ବଦା ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ବିକାଶ ଧାରାରେ ଯୋଡି ହେଉଥିବା ସ୍ୱାଭିମାନ ଅଂଚଳରେ ବାର୍ଷିକ ୫୦ ଟନରୁ ଉର୍ଦ୍ଧ୍ୱ ହଳଦୀ ଅମଳ ହେଉଥିବା ସୂଚନା ମିଳିଛି। ଏହି ହଳଦୀକୁ ବିଶ୍ୱ ସ୍ତରରେ ପହଁଚାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ତେବେ ହଳଦୀ ଚାଷ ପରେ ଅଂଚଳରେ ମହିଳା ଓ ପୁରୁଷମାନେ ବେଶ ସ୍ୱାବଲମ୍ବୀ ହୋଇ ପଡୁଥିବା ବେଳେ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ପ୍ରଥମପର୍ଯ୍ୟାୟରେ ଛୋଟ ଛୋଟ ମିଲ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ପ୍ରାୟ ୫ଟି ବଡ ୟୁନିଟ୍ କରାଯାଇ କିଭଳି ଭାବେ ଚିତ୍ରକୋଣ୍ଡାର ହଳଦୀକୁ ବିଶ୍ୱ ବଜାରରେ ବିକ୍ରି କରାଯିବ ସେ ନେଇ କାର୍ଯ୍ୟ ଆରମ୍ଭ କରାଯାଇଛି। ସ୍ୱାଭିମାନ ଅଂଚଳର ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରାୟ ୫ କୋଟି ଟଙ୍କାର ହଳଦୀ ପ୍ରକଳ୍ପ ହେବାକୁ ଥିବା ବେଳେ ୧୦ କୋଟି ଟଙ୍କା ବ୍ୟୟରେ କୃଷି ଭିତିକ ଶିକ୍ଷ ସ୍ଥାପନ କରାଯିବା ପଇଁ ମଧ୍ୟ ସମସ୍ତ ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ହଳଦୀ ଚାଷ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଆଗାମୀ ଦିନରେ ସ୍ୱତନ୍ତ୍ର ହାଇବ୍ରିଡ୍ ହଳଦୀ ମଞ୍ଜି ଦେବା ସହ ସମସ୍ତ ଚାଷୀଙ୍କୁ ସେତୁ ଯୋଜନାରେ ତାଲିମ ଦିଆଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କନ୍ଧମାଳ ଅପେକ୍ଷା ମାଲକାନଗିରି ଜିଲ୍ଲାର ଏହି ହଳଦୀ ଆହୁରି ଉନ୍ନତମାନର ହୋଇଥିବାରୁ ସ୍ୱତନ୍ତ୍ର ପ୍ୟାକିଙ୍ଗ ୟୁନିଟ୍ ସହ ଜଳସେଚନ ଓ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ଦିଗରେ ସରକାର ପଦକ୍ଷେପ ନେଉଥିବା ବେଳେ ଆଗାମୀ ଦିନରେ ଏହି ହଳଦୀ ବିଶ୍ୱ ଦରବାରରେ ସ୍ଥାନ ପାଇବ ବୋଲି ଆଶା ବାନ୍ଧିଛନ୍ତି ସ୍ୱାଭିମାନ ଅଂଚଳବାସୀ। ବର୍ତମାନ ଅନେକ ମହିଳା ଏହି ହଳଦୀ ଚାଷ କରୁଥିବା ବେଳେ କିଛି ମହିଳା ଏହାକୁ ବିଭିନ୍ନ ବଜାରରେ ବିକ୍ରୟ କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି। ଏହି କ୍ରମରେ ଚିତ୍ରକୋଣ୍ଡା ବ୍ଲକର ମା ତାରିଣୀ ଏସଏଚଜି ର ସଦସ୍ୟା ମାନେ ଜୈବିକ ହଳଦୀକୁ ପ୍ରକ୍ରିୟାକରଣ କରି ହଳଦୀ ପାଉଡରକୁ ସୁନ୍ଦର ରୂପେ ପ୍ୟାକେଜିଂ କରିବା ସହ ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ୱାଭିମାନ ଅଂଚଳରେ ଥିବା ବିଭିନ୍ନ ବିଏସଏଫ କ୍ୟାମ୍ପକୁ ବିକ୍ରୟ କରି ମହିଳାମାନେ ଆର୍ଥିକ ଲାଭ ପାଇବା ସହ ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ହଳଦୀ ଗୁଣ୍ଡ ପ୍ରସ୍ତୁତ କରି ବିଭିନ୍ନ ବଜାରରେ ବିକ୍ରି ନିମନ୍ତେ ପ୍ରେରଣା ପାଇଛନ୍ତି। ଅଂଚଳରେ ହଳଦୀ ଚାଷ ମଧ ଲୋକଙ୍କ ପାଇଁ ବେଶ୍ ଲାଭଦାୟକ ହୋଇଥିବାରୁ ବଡପଡ଼ା, ଯାନବାଇ, ରାଲେଗଡ଼ା, ସାରକୁବନ୍ଦ ଭଳି ଅନେକ ଗ୍ରାମରେ ଲୋକେ ବର୍ତମାନ ଗଞ୍ଜେଇ ଚାଷରୁ ମୁହଁ ଫେରାଇ ନେଇଥିବା ବେଳେ ହଳଦୀ ଚାଷ ସହ ଅନ୍ୟାନ୍ୟ ଅର୍ଥକାରୀ ଫସଲ ମଧ ଚାଷ କରୁଛନ୍ତି।

# କାଜୁ ଚୋରି ମାମଲା : ୨ ଗିରଫ

ଜୟପୁର, ୩୧/୫ (ନି.ପ୍ର): କାଜୁ ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ପୋଲିସ ସୂଚନା ଅନୁଯାଇ, ଜୟପୁର ଦାଶରି ସାହିର କେ. ଶିବ ପ୍ରସାଦ ଆଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କର ଏକ କାଜୁ ମିଲ ଅନ୍ତା ରେ ଅଛି। ସେହି ମିଲରେ ୫୦ କେଜି ଲେଖାଏଁ ୬୨ ପ୍ୟାକେଟ କାଜୁ ରଖିଥିଲେ। ସିକ୍ୟୁରିଟି ଗାର୍ଡ ଗ୍ରାମକୁ ଯାଇ ଫେରି ଦେଖିବା ବେଳେ କେତେକ କାଜୁ ପ୍ୟାକେଟ, ଗୋଟିଏ ଫେନ, ପମ୍ପ ନଥିବା ଜାଣି ମାଲିକଙ୍କୁ ସୂଚନା ଦେଇଥିଲେ। ମାଲିକ ଆସି ଦେଖିବା ବେଳେ ୧୧ ପ୍ୟାକେଟ କାଜୁ ଓ ଫେନ ନଥିବା ଜାଣି ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ଅନ୍ତା ଗ୍ରାମର ଅରକ୍ଷିତ କମାର ଏଲିୟସ ମାଛ (୨୫) ଓ ଧନୁଯ୍ୟୟ ନାୟକ ଏଲିୟସ ମେଟା (୨୫) କୁ ଗିରଫ କରିଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ମାନେ ମଧ ଜଡିତ ଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ଅଭିଯୁକ୍ତ ଠାରୁ ୧୧ ପ୍ୟାକେଟ କାଜୁ ଓ ଗୋଟିଏ ଅଟୋ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ନିଶାଣୀ ମୁଣ୍ଡା ଓଲାର ଗଦବା ସମାଜ ତରଫରୁ ବାର୍ଷିକ ସାଧାରଣ ସମାବେଶ

ଜୟପୁର, ୩୧/୫ (ନି.ପ୍ର): କୋରାପୁଟ ଜ଼ିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଲେଞ୍ଜି କୁନ୍ଦୁଲି ଠାରେ ନିଶାଣୀ ମୁଣ୍ଡା ଅଲାର ଗଦବା ସମାଜ ତରଫରୁ ଜ଼ିଲ୍ଲା ସ୍ତରୀୟ ବାର୍ଷିକ ସାଧାରଣ ସମାବେଶ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କଂଗ୍ରେସ ବିଧାୟକ ରାମ ଚନ୍ଦ୍ର କାଡ଼ାମ ଯୋଗ ଦେଇଥିବା ବେଳେ ସମ୍ପାଦକ ମଦନ ପାମିଆ, କୋଷାଧକ୍ଷ ରବି ଖରା, ଉପଦେଷ୍ଟା ଧନୁର୍ଜୟ ତକଲିଆ, ନାଥ ତେନ୍ତୁଲି ପାଡ଼ିଆ, ଦାମ ମୁଣ୍ଡା ଗାଡିଆ, ଉଗ୍ରସେନ ଚପାତି, ତ୍ରିପତି ସାରା ଙ୍କ ସମେତ ଜ଼ିଲ୍ଲାର ନିଶାଣୀ ମୁଣ୍ଡାର ଓଲାର ଗଦବା ସମାଜର ଶହ ଶହ ଲୋକେ ଉପସ୍ଥିତ ଥିଲେ। ଆଜିର ଆଧୁନିକ ଯୁଗରେ ଓଲାର ଗଦବା ସମାଜର ପରମ୍ପରା ଲୋପ ପାଇବାକୁ ବସିଲାଣି। ଆଉ ଆଗଭଳି ଓଲାର ଗଦବା ର ପରମ୍ପରା ଦେଖିବା ପାଇଁ ମିଳୁନାହିଁ। ଓଲାର ଗଦବାର ପରମ୍ପରାକୁ ବଂଚାଇ ରଖିବା ପାଇଁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଅନ୍ତର୍ଗତ ଜନଜାତି ସମୁହର ଭାଷା, ସଂସ୍କୃତିର ସଂରକ୍ଷଣ ଓ ଉତମ ଶିକ୍ଷାର କିପରି ପ୍ରଚାର ଏବଂ ପ୍ରସାର କରି ଉପଯୁକ୍ତ ପରିଚାଳନା କରିବା, ସମ୍ପୃକ୍ତ ଜନଜାତି ମାନଙ୍କର ସଂସ୍କୃତିର ସାଂସ୍କୃତିକ ବିକାଶ ନିମନ୍ତେ ବିବିଧ ସଚେତନତାତ୍ମକ ତଥା ସୃଜନାତ୍ମକ କାର୍ଯ୍ୟ ବଳିର ପରିଚାଳନା, ସରକାରୀ ପ୍ରାୟୋଜିତ ଜନହିତକର କାର୍ଯ୍ୟକ୍ରମ ସହିତ ନିଜକୁ ସମ୍ପୃକ୍ତ ଜନଜାତି ଗୋଷ୍ଠିର ପାରମ୍ପରିକ ସାମାଜିକ ଅନୁଷ୍ଠାନ ଗୁଡିକର ଅନୁଶୀଳନ ସହ ଗୋଷ୍ଠି ହିତାର୍ଥେ ତାର ପଂଚାୟତରାଜ ବ୍ୟବସ୍ଥା ସହ ନିଜକୁ ବ୍ୟବସ୍ଥିତ ଢଙ୍ଗରେ ସାମିଲ କରାଇ ସମାଜର ବିକାଶ ପାଇଁ କାର୍ଯ୍ୟ କରିବା, ସମ୍ପୃକ୍ତ ଜନଜାତି ଗୋଷ୍ଠି ସହିତ ଜଡିତ ବିଶ୍ୱାସ ପରମ୍ପରା ସାହିତ୍ୟ, ନୃତ୍ୟ, ଗୀତ ସଂଗୀତ ମେଳା ମହୋତ୍ସବ ପ୍ରଭୃତି ସାଂସ୍କୃତିକ ସଂଗଠନର ସୁରକ୍ଷା, ସଂରକ୍ଷଣ, ପରିଚାଳନା ଓ ପ୍ରସାର ପାଇଁ କାର୍ଯ୍ୟ କରିବା ଭଳି ଅନେକ ବିଷୟରେ ଆଲୋଚନା କରାଯାଇଥିଲା।

# ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅଦାର ଉଚିତ ମୂଲ୍ୟ ପାଇବାରୁ ଚାଷୀ ବଂଚିତ

ମାଲକାନଗିରି, ୩୧/୫ (ନି.ପ୍ର): ଚାହିଦା ଓ ଯୋଗାଣ ଭିତରେ ସମନ୍ୱୟ ରଖା ନଗଲେ ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଥିବା ବେଳେ ଖାଉଟିଙ୍କୁ ଅସ୍ୱାଭାବିକ ଦାମ୍ରେ ସାମଗ୍ରୀ କିଣିବାକୁ ପଡିଥାଏ । ଜିଲ୍ଲା ପ୍ରଶାସନର କଟକଣା ନଥିବାରୁ ଏବେ ମାଲକାନଗିରିରେ ଅଦା କିଣାବିକାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । ଗତ କିଛି ବର୍ଷ ହେଲା ଅଦା ପାଇଁ ପ୍ରସିଦ୍ଧ ସ୍ୱାଭିମାନ ଅଂଚଳ ଚିତ୍ରକୋଣ୍ଡାରୁ ବେପାରୀମାନେ ଚାଷୀଙ୍କ ପାଖରୁ ଅଦା କେଜି ୬୦ରୁ ୭୦ ଟଙ୍କାରେ କିଣି ନେଇ ଜିଲ୍ଲା ସଦର ବଜାରରେ ୨୫୦ରୁ ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଗୋଟେ ପଟେ ଚାଷୀ ଅଭାବୀ ବିକ୍ରୀର ଶିକାର ହେଉଥିବା ବେଳେ ସାଧାରଣ ଖାଉଟି ତ୍ରାହି ତ୍ରାହି ଡାକୁଛନ୍ତି । ଅଦା ସଂରକ୍ଷଣ ବ୍ୟବସ୍ଥା ସହିତ ପକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଗଲେ ଉପକୃତ ହୋଇପାରିବେ ବୋଲି ଚାଷୀମାନେ କହିଛନ୍ତି । ଚିତ୍ରକୋଣ୍ଡା ଅଂଚଳର ଅଦାଚାଷୀ ରାମ ପାଙ୍ଗି, ରଘୁ ଗୋଲନା, ଘନଶ୍ୟାମ ମୁଦୁଲି ପ୍ରମୁଖ କହିଛନ୍ତି, ଗତ କିଛିବର୍ଷ ହେଲା ସେମାନଙ୍କ ଅଂଚଳ ଅଦା ର ବେଶ ଚାହିଦା ରହିଆସୁଛି । ଜୈବିକ ପଦ୍ଧତିରେ କରାଯାଉଥିବାରୁ ଆନ୍ଧ୍ର ବେପାରୀମାନେ ଅମଳ ବେଳେ ଏଠାକୁ ଆସି ଚାଷୀଙ୍କ ପାଖରୁ ଅଦା କିଣି ନେଉଛନ୍ତି ଓ ଚାଷୀଙ୍କ ପାଖରୁ କେଜି ପ୍ରତି ସର୍ବାଧିକ ୭୦ ଟଙ୍କାରେ ମାଲ ନେଉଛନ୍ତି। ହେଲେ ଖୋଲାବଜାରରେ ସେହି ଅଦାକୁ ସେମାନେ ୩୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ମାଲାମାଲ ହେଉଛନ୍ତି । ଫଳରେ ସାଧାରଣ ଖାଉଟିଙ୍କୁ ହଇରାଣ ହେବାକୁ ପଡୁଛି । ସ୍ୱାଭିମାନ ଅଂଚଳର ଉତ୍ପାଦିତ ଅଦା ସବୁ ଆନ୍ଧ୍ରକୁ ଚାଲି ଯାଉଛି । ଚିତ୍ରକୋଣ୍ଡା ବ୍ଲକର ବଡ଼ପଡ଼ା, ପାପରମେଟଲା, ଯୋଡାମ୍ବ, ପଣସପୁଟ, ବଡପଦର ପଂଚାୟତରେ ସେତୁ ଯୋଜନାରେ ପ୍ରାୟ ୧୦୦ ଏକରରୁ ଅଧିକ ଜମିରେ ଏଥର ଅଦା ଚାଷ କରାଯାଇଛି । ସରକାରଙ୍କ ତରଫରୁ ଏଥିପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ଏଥର ଅଧିକ ଅମଳ ହୋଇଥିବା ବେଳେ ସ୍ଥାନୀୟ ବଜାରରେ ତାହାର ଦେଖା ନାହିଁ । ଉଭୟ ଚାଷୀ ଓ ଖାଉଟି ଲୁଟ୍ ର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଉଚ୍ଚ କ୍ଷମତାସମ୍ପନ୍ନ ଶୀତଳଭଣ୍ଡାର ହୋଇପାରୁ ନଥିବାରୁ ଚାଷୀମାନେ ଅମଳ ହେବା ମାତ୍ରେ କମ୍ ମୂଲ୍ୟରେ ବାହାର ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି । ଚଳିତ ବର୍ଷ ଆନ୍ଧ୍ରରେ ଅଦା ଅମଳ ବାଧାପ୍ରାପ୍ତ ଥିବାରୁ ମାଲକାନଗିରି ଅଦାକୁ ଆନ୍ଧ୍ର ବେପାରୀମାନେ ନେଇ ଯାଉଛନ୍ତି । ଅଦା ଦର ଆକାଶଛୁଆଁ ହୋଇଛି ବୋଲି ସ୍ଥାନୀୟ ଅଂଚଳର ବ୍ୟବସାୟୀମାନେ କହିଛନ୍ତି । ଉଦ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମାଝୀ କହିଛନ୍ତି, ସ୍ୱାଭିମାନ ଅଂଚଳର ଶୀତଳ ଜଳବାୟୁ ଓ ପାହାଡ଼ିଆ ମାଳଭୂମି ଅଦା ଚାଷ ପାଇଁ ଅନୁକୂଳ ହୋଇଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ତେଣୁ ଚଳିତବର୍ଷ ପ୍ରଥମ ଥର ପାଇଁ ୧୬ ଜଣ ଚାଷୀଙ୍କୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ଉନ୍ନତ ମାନର ଅଦା ବିହନ ଯୋଗାଇ ଦିଆଯାଇଥିଲା । ୫ ଏକରରୁ ଅଧିକ ଜମିରେ ସେମାନେ ଉନ୍ନତମାନର ଅଦା ଚାଷ କରିଛନ୍ତି । ଏକର ପିଛା ୧୫ କ୍ୱିଣ୍ଟାଲ ଲେଖାଏଁ ଅମଳ କରୁଛନ୍ତି । ପରବର୍ତୀ ସମୟରେ ଅଧିକ ଚାଷୀଙ୍କୁ ଅଦା ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ତେବେ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ଅଦାର ଉଚିତ ମୂଲ୍ୟ ପାଇବାରୁ ଚାଷୀ ବଂଚିତ ହେଉଥିବା ସେ ସ୍ୱୀକାର କରିଛନ୍ତି ।

## ମେଧାବୀ ବିଦ୍ୟାର୍ଥୀମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୩୧/୫ (ନି.ପ୍ର): ବିଗତ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଏ.୧ ଗ୍ରେଡ଼ ରେ କୃତିତ୍ୱ ହାସଲ କରିଥିବା ଜିଲ୍ଲାର ୨୫ ଜଣ ମେଧାବୀ ବିଦ୍ୟାର୍ଥୀ ଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପଶାସନ ତରଫରୁ ଏକ ବିଶେଷ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆମ ଜିଲ୍ଲା ର ଗତ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ରାଜ୍ୟସ୍ତର ରେ ଉଲ୍ଲେଖନୀୟ ପ୍ରଦର୍ଶନ ତଥା ଏ - ୧ ଗ୍ରେଡ଼ ହାସଲ କରିଥିବା ୨୫ ଜଣ ଛାତ୍ର ଛାତ୍ରୀଙ୍କ ବିଷୟରେ ଉଲ୍ଲେଖ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଉପସ୍ଥିତ ମେଧାବୀ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅନୁଷ୍ଠାନର ମୁଖ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆମ ଜିଲ୍ଲାର ଗୌରବ ବୃଦ୍ଧି କରିଥିବା ଏହି ମେଧାବୀ ବିଦ୍ୟାର୍ଥୀ ମାନେ ଆଗାମୀ ଦିନରେ ଆହୁରି ଉତ୍ସାହଜନକ ପ୍ରଦର୍ଶନ ପାଇଁ ପ୍ରୟାସ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଲୋକ ମହଲା ଓ ସୁଲଗ୍ନା ଫରିକାର ପ୍ରମୁଖ ନିଜ ସଫଳତା ର ରହସ୍ୟ ତଥା ଆଗାମୀ ଜୀବନର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ କୃତି ଛାତ୍ର ଛାତ୍ରୀ, ସେମାନଙ୍କ ପିତା ମାତା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ ନିମ୍ନଲିଖିତ ୨୫ଜଣ ଛାତ୍ର ଛାତ୍ରୀ ଚଳିତ ବର୍ଷ ଏ-୧ ଗ୍ରେଡ୍ ହାସଲ କରି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି ।

# ସେଲ୍‌ରେ ରାତ୍ରକାଳୀନ ଭତ୍ତା ୯୦ରୁ ୧୮୦ ଟଙ୍କାକୁ ବୃଦ୍ଧି: ଶ୍ରମିକ ସଙ୍ଗଠନଙ୍କ ମିଳିତ ପ୍ରତିକ୍ରିୟା

ବଲାଣି, ୩୧/୫ (ନି.ପ୍ର): ରାଷ୍ଟ୍ରାୟତ ତଥା ମହାରତ୍ନ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍)ର ବିଭିନ୍ନ କାରଖାନା ଓ ଖଣିରେ କାର୍ଯ୍ୟରତ ଶ୍ରମିକଙ୍କ ରାତ୍ରୀକାଳୀନ ଭତା ୯୦ ଟଙ୍କାରୁ କର ବିହୀନ ୧୮୦ ଟଙ୍କାକୁ ବୃଦ୍ଧି ପାଇଛି । ତେବେ କର୍ମଚାରୀ ମାନେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା(ବି ଏ ଏସ୍) ରେ ସାମିଲ ହୋଇ ଏହି ସୁବିଧା ପାଇପାରିବେ ବୋଲି ସେଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହା ବ୍ୟତୀତ ଯେଉଁଠାରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ହୋଇନାହିଁ ସେଠାରେ ୩ ମାସ ମଧ୍ୟରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବାକୁ ସେଲ୍ ଯୋଜନା ରଖିଛି । ନୂଆଦିଲ୍ଲୀ ଠାରେ ଗୁରୁବାର ସେଲ୍ କର୍ତ୍ତୃପକ୍ଷ ଓ ଅଣ ଅଧିକାରୀ କର୍ମଚାରୀଙ୍କ ଦ୍ୱାରା ଗଠିତ ରାଷ୍ଟ୍ରୀୟ ଇସ୍ପାତ ସଂଯୁକ୍ତ କମିଟି(ଏନ ଜେ ସି ଏସ୍)ର ଉପକମିଟି ମଧ୍ୟରେ ଅନୁଷ୍ଠିତ ଏକ ବୈଠକ ପରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ଏନଜେସିଏସ୍ ବୈଠକରେ ଆଇଏନଟିୟୁସି, ବିଏମଏସ୍, ଏଚ୍ ଏମ ଏସ୍, ସିଆଇଟିୟୁ, ଏଆଇଟିୟୁସି ଭଳି ଶ୍ରମିକ ସଂଗଠନ ସାମିଲ ଥିବା ବେଳେ ସିଆଇଟିୟୁ ଓ ଏଆଇଟିୟୁସି ସେଲ୍ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତିକୁ ବିରୋଧ କରିଛନ୍ତି । ସେଲ୍ ରେ କର୍ମଚାରୀଙ୍କ ୩୯ ମାସର ବେତନ ସଂଶୋଧନ ବକେୟା, ଏଚ୍ ଆର ଏ, ଦାସା ଭଳି ଅତି ଗୁରୁତ୍ୱପୂର୍ଣ୍ଣ ଦାବି ଲମ୍ବିତ ହୋଇ ପଡ଼ିଥିବା ବେଳେ କେବଳ ରାତ୍ରୀକାଳୀନ ଭତା ଉପରେ ନିଷ୍ପତି ନେବା ସେଲ୍ ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ ନିଷ୍ପତି ବୋଲି ବିବେଚନା ହେବ ବୋଲି ସିଆଇଟିୟୁ ଓ ଏଆଇଟିୟୁସି ଶ୍ରମିକ ସଂଗଠନର ପ୍ରତିନିଧି ମାନେ ବୈଠକରେ କହିବା ସହିତ ଏହାକୁ ବିରୋଧ କରିଥିଲେ । ଏହା ବ୍ୟତୀତ ସିଆଇଟିୟୁ ରାତ୍ରୀକାଳୀନ ଭତାକୁ କର ବିହୀନ ୨୩୦ ଟଙ୍କା କରିବାକୁ ପ୍ରସ୍ତାବ ରଖିଥିଲେ । ତେବେ ଆଇଏନଟିୟୁସି, ବିଏମଏସ୍ ଓ ଏଚଏମଏସ୍ ଶ୍ରମିକ ସଂଗଠନ ମାନଙ୍କ ଦ୍ୱାରା ସେଲ୍ ଦ୍ୱାରା ପ୍ରସ୍ତାବିତ ରାତ୍ରୀକାଳୀନ ଭତାକୁ କରବିହୀନ ୧୮୦ ଟଙ୍କାକୁ ଗ୍ରହଣ କରିଥିବାରୁ ବହୁମତ ଯୋଗୁଁ ଏହି ନିଷ୍ପତି ଗ୍ରହଣ କରାଯାଇଥିବା ସୂଚନା ରହିଛି । ତେବେ ସିଆଇଟିୟୁ ଏପରି ନିଷ୍ପତିକୁ ଗ୍ରହଣ କରିବନି ଓ ଶ୍ରମିକସ୍ୱାର୍ଥ ହାସଲ ନିମନ୍ତେ ସେଲର ସମସ୍ତ କାରଖାନା, ଖଣି ଓ ବିଭିନ୍ନ ୟୁନିଟ ରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଏକ ହୋଇ ଆଗାମୀ ଦିନରେ ଶ୍ରମିକ ବିରୋଧୀ ନିଷ୍ପତିକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇବାକୁ ସିଆଇଟିୟୁ ର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଲଳିତମୋହନ ମିଶ୍ର ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଥିବା ଓଡିଶା ଖଣି ସମୂହର ବଲାଣି ଖଣିରେ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ମିଳିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶ୍ରମିକ ମାନେ ସେଲ୍ ର ଏପରି ନିଷ୍ପତି ଉପରେ ଅସନ୍ତୋଷ ଜାହିର କରିଛନ୍ତି । ଯେଉଁଠାରେ କର୍ମଚାରୀଙ୍କ ୩୯ ମାସର ବାକେୟା ରାଶି, ଏଚ୍ ଆର ଏ, ଇନକ୍ରିମେଂଟ ଏବଂ ଅନ୍ୟାନ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ ନିଷ୍ପତି ନେବାକୁ ସେଲ୍ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଆପଣାଉଥିବା ବେଳେ ରାତ୍ରୀକାଳୀନ ଭତା ଭଳି ଏତେଟା ଗୁରୁତ୍ୱ ରଖୁନଥିବା ଦାବି ଉପରେ ନିଷ୍ପତି ଗ୍ରହଣ କରି ବିଭିନ୍ନ ଶ୍ରମିକ ସଂଗଠନ ସହିତ ରାଜିନାମା ସ୍ୱାକ୍ଷର କରିବା ସେଲ୍ କର୍ମଚାରୀଙ୍କୁ ଲଲିପପ୍ ଧରାଇବା ସଦୃଶ ବୋଲି ବଲାଣି ଖଣି କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ହେଉଛି ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜୋରିମାନା

ଜୟପୁର, ୩୧/୫ (ନି.ପ୍ର): ଜୟପୁର ସ୍ଥିତ ପୋକ୍ସୋ କୋର୍ଟରେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି ଆଜି ହୋଇଛି । ୨୦୧୪ ମସିହାରେ କୋରପୁଟ ଜିଲା ପଟ୍ଟାଙ୍ଗି ଥାନା ଅଂଚଳରେ ଘଟିଥିବା ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ୫ ଜଣ ସାକ୍ଷିଙ୍କ ସାକ୍ଷ୍ୟ ପ୍ରମାଣ ଓ ୧୦ଟି ଦସ୍ତାବିଜକୁ ଭିତି କରି ଜୟପୁର ସ୍ଥିତ ପୋକ୍ସୋ କୋର୍ଟ ପଣ୍ଡେଇ ଗ୍ରାମର ଜଗୁ ଆଡକାଟିଆ (୩୮) କୁ ଦଣ୍ଡିତ କରିଛନ୍ତି । କୋର୍ଟ ଜଗୁ ଆଡକାଟିଆକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦୟ ହେଲେ ଦୋଷୀକୁ ଅଧିକା ୧୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଶୁଣାଣି କରିଛନ୍ତି । ଆଦାୟ ଜୋରିମାନା ସରକାରଙ୍କ ପାଣ୍ଠିକୁ ଯିବ । ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଷ ଦେଇଛନ୍ତି କୋର୍ଟ । ମାମଲାର ବିବରଣିରୁ ପ୍ରକାଶ ଯେ, ୨୩।୬।୨୦୧୪ ମସିହାରେ ନାବାଳିକା ସଂନ୍ଧ୍ୟା ସମୟରେ ପାଖରେ ଥିବା ସ୍କୁଲ ପଡିଆକୁ ଶୌଚ ହେବାକୁ ଯାଇଥିବା ସମୟରେ ଜଗୁ ଆଡକାଟିଆ ତାର ସହଯୋଗିଙ୍କ ସହ ନାବାଳିକାକୁ ଅପହରଣ କରି ନେଇଥିଲା । ଓ ପାଟି କଲେ ମାରିଦେବାକୁ ଧମକ ଦେଇଥିଲା । ଗୋଟିଏ ଗାଁକୁ ନେଇ ଜଣକ ଘରେ ରଖି ଦୁଷ୍କର୍ମ କରିଥିଲେ । ଏହା ପରେ ଦୋଷୀ ନିଜ ଘରକୁ ନେଇ ପୁଣି ଦୁଷ୍କର୍ମ କରିଥିଲା । ତା ପର ଦିନ ନାବାଳିକାକୁ ଆଣି ଗ୍ରାମ ରାସ୍ତାରେ ଛାଡି ଚାଲିଯାଇଥିଲା । ନାବାଳିକା ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଏ ସମ୍ପର୍କରେ ଜଗୁକୁ ପଚାରିଥିଲେ । ଜଗୁ ଉତ୍ୟକ୍ତ ହୋଇ ଥାନାରେ ଅଭିଯୋଗ କଲେ ମାରିଦେବାକୁ ଧମକ ଦେଇଥିଲା । ପରେ ନାବାଳିକାର ବାପା ପଟାଙ୍ଗି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ଜଗୁ ଆଡକାଟିଆ ଓ ତାର ସହଯୋଗୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସହଯୋଗୀ ଅଭିଯୁକ୍ତ କୋର୍ଟରେ ଅନୁପସ୍ଥିତ ଥିବାରୁ ତାଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି କରାଯାଇଛି । ମାମଲାକୁ ସରକାରଙ୍କ ତରଫରୁ ଡଃ. ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

# ଏଥର ଅନ୍‌ଲାଇନରେ ମିଳିବ କୋରାପୁଟ ମାଣ୍ଡିଆ ଉତ୍ପାଦ

ଜୟପୁର, ୩୧/୫ (ନି.ପ୍ର): ଆଗକୁ ଅନ୍ ଲାଇନରେ ମିଳିବ କୋରାପୁଟ ଜିଲ୍ଲାର ମାଣ୍ଡିଆ ଉତ୍ପାଦ । ଦିନକୁ ଦିନ ଗାଁ ଗହଳି ଠାରୁ ଆରମ୍ଭ କରି ସହର ଏବଂ ବଜାର ଯାଏଁ ଅନ୍ ଲାଇନ୍ ବ୍ୟବସାୟ ବଢ଼ିବାରେ ଲାଗିଥିବା ବେଳେ ଏହାକୁ ସମସ୍ତ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଘରୋଇ ଗ୍ରାହକ ମାନେ ମଧ ଆପଣାଇ ନେଲେଣି । ଏହାର ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି ଅନେକ ଉତ୍ପାଦକ । ସେହିଭଳି କୋରାପୁଟ ଜିଲ୍ଲାର ମାଣ୍ଡିଆରେ ଭିନ୍ନ ଭିନ୍ନ ସ୍ୱାଦର ଖାଦ୍ୟ ସାମଗ୍ରୀ ତିଆରି କରୁଥିବା କୋରାପୁଟ ମିଲେଟ୍ ବ୍ୟାଙ୍କ ମଧ ଏହି ଅନ୍ ଲାଇନରେ ବ୍ୟବସାୟରେ ଆଜି ଯୋଡ଼ି ହୋଇଛି । ଏନେଇ ଆଜି କୋରାପୁଟ ମିଲେଟ୍ ବ୍ୟାଙ୍କ ସହ ଟ୍ରାଇବ୍ସାର୍ଟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଟ୍ରାଇବ୍ସାର୍ଟ ସଂସ୍ଥାର ମାଲିକ ରଜନୀଶ ଅଗ୍ରୱାଲ୍ କହିଛନ୍ତି ଯେ, ପୂର୍ବରୁ ସଂସ୍ଥା ଦ୍ୱାରା ଏହି ଅଂଚଳର ଆଦିବାସୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ଅନ୍ ଲାଇନ୍ରେ ବିକ୍ରି ଚାଲିଥିଲା । ଆଜି ଠାରୁ ଏଥିରେ କୋରାପୁଟ ଜିଲ୍ଲାର ମାଣ୍ଡିଆ ଉତ୍ପାଦ ଯାହାକି କୋରାପୁଟ ମିଲେଟ୍ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ହେଉଛି ତାହା ବିକ୍ରି କରାଯିବ । ଯଦ୍ୱାରା ଆଜି ଜିଲ୍ଲାର ମାଣ୍ଡିଆରେ ତିଆରି ବିଭିନ୍ନ ସାମଗ୍ରୀ ଦେଶ ସାରା ପଂହଚିବ । ଏହାଦ୍ୱାରା ଆମ ଅଂଚଳର ମାଣ୍ଡିଆ ଚାଷୀ ବେଶ୍ ଉପକୃତ ହେବେ ବୋଲି ସେ ବିଶ୍ୱାସ ରଖିଛନ୍ତି । ସେହିପରି ଓଡ଼ିଶା ରୁରାଲ୍ ଡେଭେଲପମେଂଟ ଏଣ୍ଡ ମାର୍କେଟିଂ ସୋସାଇଟି ବା ଓର୍ମାସ୍ ପକ୍ଷରୁ ମଧ କୋରାପୁଟ ମିଲେଟ୍ ବ୍ୟାଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା ଓର୍ମାସ୍ର ଯେଉଁ ଷ୍ଟଲ୍ ଗୁଡ଼ିକ ବିଭିନ୍ନ ମେଳାରେ ପ୍ରଦର୍ଶିତ ହୁଏ ସେଥିରେ କୋରାପୁଟ ମାଣ୍ଡିଆ ଉତ୍ପାଦ ମିଳିବ । ଏପରିକି କୋରାପୁଟ ରେଳ ଷ୍ଟେସନ୍, ବୋରିଗୁମ୍ମା ଜୁରାସିକ୍ ପାର୍କ ଏବଂ ଏସ୍ଆର୍ ମଲ୍ରେ ରହିଥିବା ଓର୍ମାସ୍ ଷ୍ଟଲ୍ରେ ମଧ ମାଣ୍ଡିଆର ବିଭିନ୍ନ ସାମଗ୍ରୀ ମିଳିବ ବୋଲି ଓର୍ମାସ୍ ଏଫ୍ପିଓର ସିଇଓ ସୁବାଷିତ ପାତ୍ର କହିଛନ୍ତି । ସେ ପୁଣି ଜଣାଇଛନ୍ତି ଯେ, ଜିଲ୍ଲାରେ ଓର୍ମାସ୍ର ୬ଟି ଏଫ୍ପିଓ ରହିଛି । ପ୍ରତ୍ୟେକ ଏଫ୍ପିଓରେ ୩୦୦ ଚାଷୀ ରହିଥିବା ବେଳେ ସେଥିରୁ ୧୦୦ ଜଣ ମାଣ୍ଡିଆ ନତୁବା ସୁଆଁ ଚାଷ କରନ୍ତି । ଏହି ଚାଷୀଙ୍କ ଠାରୁ ଆମେ ମାଣ୍ଡିଆ ଏବଂ ସୁଆଁ ସଂଗ୍ରହ କରି କୋରାପୁଟ ମିଲେଟ୍ ବ୍ୟାଙ୍କକୁ ଯୋଗାଇବୁ ଓ ଏଥିରୁ ସେ ପ୍ରସ୍ତୁତ କରୁଥିବା ମିଠା ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ଆମେ ନେଇ ମାର୍କେଟିଂ କରିବୁ । ଯଦ୍ୱାରା ଆମ ଜିଲ୍ଲାର ମାଣ୍ଡିଆ ଏବଂ ସୁଆଁ ଚାଷୀ ସେମାନଙ୍କ ଉଚିତ ମୂଲ୍ୟ ପାଇବା ସହ କୋରାପୁଟ ମାଣ୍ଡିଆର ମଧ ବ୍ୟବସାୟ ବୃଦ୍ଧି ହେବ । ଭୁବନେଶ୍ୱର ବସ୍ଷ୍ଟାଣ୍ଡରେ ଓର୍ମାସ୍ ଷ୍ଟଲ୍, ବିଭିନ୍ନ ଜିଲ୍ଲାରେ ଚାଲିଥିବା ମେଳାର ପ୍ରଦର୍ଶନୀ ଷ୍ଟଲ୍ ଏବଂ ମିଶନ୍ ଶକ୍ତିର ବିଭିନ୍ନ କାଫେ ଗୁଡ଼ିକରେ ମଧ ଆମର ଏଭଳି ଉତ୍ପାଦ ବିକ୍ରି କରାଯାଉଥିବା ସେ ଦର୍ଶାଇଛନ୍ତି । ତତ୍ସହ ଆମ ଜିଲ୍ଲାର ମାଣ୍ଡିଆ ଚାଷୀ ମାନଙ୍କୁ ବିଭିନ୍ନ ତାଲିମ୍ ଶିବିରରେ ଯୋଗ ଦେବାର ସୁଯୋଗ ସୃଷ୍ଟି କରାଯାଉଥିବା ପାତ୍ର ଜଣାଇଛନ୍ତି । ଆଜି ଜୟପୁର ନିକଟସ୍ଥ ବାରିଣୀପୁଟ ଠାରେ ରହିଥିବା କୋରାପୁଟ ମାଣ୍ଡିଆ ବ୍ୟାଙ୍କର ପ୍ରଥମ ପ୍ରତିଷ୍ଠା ଦିବସ ରହିଥିଲା । ଏହି ଅବସରରେ ବ୍ୟାଙ୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ମିଲେଟ୍ ଉପଦେଷ୍ଟା ତାପସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝୀ, ବିହନ ସଂରକ୍ଷକ ଶଙ୍କର ପଟ୍ଟନାୟକ, ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି, ରାଇମତି ଗେଉରିଆ ପ୍ରମୁଖ ଯୋଗ ଦେଇ ଏହାର ଉତୋରତର କାମନା କରିଥିଲେ। ମାଣ୍ଡିଆ ବ୍ୟାଙ୍କର ପ୍ରତିଷ୍ଠାତା ଜଗନ୍ନାଥ ଚିନ୍ନାରି କହିଛନ୍ତି ଯେ, ଆଜିର ଦିନରେ ଗତବର୍ଷ ଏହି କୋରାପୁଟ ମିଲେଟ୍ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିବା ବେଳେ ବର୍ଷେ ମଧ୍ୟରେ ଏହାର ବିଭିନ୍ନ ଉତ୍ପାଦ ଅନ୍ ଲାଇନ୍ରେ ବିକ୍ରି ପାଇଁ ସହ ଓର୍ମାସ୍ ଭଳି ସଂସ୍ଥା ସହ ଆଜି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବାରୁ ସେ ବେଶ୍ ଖୁସି । ଏହା ମାଧ୍ୟମରେ ସେ କୋରାପୁଟ ଚାଷୀଙ୍କ ମାଣ୍ଡିଆ ଦେଶ ବିଦେଶରେ ପଂହଚାଇବାର ଉଦ୍ୟମ କରୁଛନ୍ତି ବୋଲି ଜଣାଇଛନ୍ତି । ଆଜିର ସ୍ୱତନ୍ତ୍ର ହେଲା ପୂର୍ବରୁ ଏଠାରେ ରୋଟି ପାଇଁ ଯେଉଁ ଅଟା ମାଣ୍ଡିଆରେ ତିଆରି ହେଉଥିଲା ତାହା ଗରମ ପାଣି ବ୍ୟବହାର ଦ୍ୱାରା ସମ୍ଭବ ଥିଲା । କିନ୍ତୁ ଆଜି ଯେଉଁ ମାଣ୍ଡିଆ ଅଟା ତିଆରି ହେଲା ତାହା ଥଣ୍ଡା ପାଣି ବ୍ୟବହାରରେ ବି ରୋଟି ତିଆରି ହୋଇ ପାରିବ ବୋଲି ସେ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ପୂର୍ବରୁ କୋରାପୁଟ କଫିକୁ ନେଇ ଦେଶ ବିଦେଶରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ କୋରାପୁଟ ମାଣ୍ଡିଆ ବର୍ତମାନ ଅନ୍ ଲାଇନ୍ ମାଧ୍ୟମରେ ମିଳିବା ଦ୍ୱାରା ବେଶ୍ ଆଗକୁ ଯିବ ବୋଲି ସମସ୍ତ ଅଧିକାରୀ ଆଜି ଆଶା ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଅନ୍ତିମ ପର୍ଯ୍ୟାୟ...

ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ସପ୍ତମ ପର୍ଯ୍ୟାୟରେ ତଥା ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାରେ ୬ ଗୋଟି ସଂସଦୀୟ କ୍ଷେତ୍ର ଯଥା: ୦୫-ମୟୂରଭଞ୍ଜ (ଏସ୍.ଟି.), ୦୬-ବାଲେଶ୍ୱର, ୦୭-ଭଦ୍ରକ (ଏସ୍.ସି.), ୦୮- ଯାଜପୁର(ଏସ୍.ସି.), ୧୫-କେନ୍ଦ୍ରାପଡ଼ା ଓ ୧୬-ଜଗତସିଂହପୁର(ଏସ୍.ସି.) ଏବଂ ଏସବୁ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ଆସନ୍ତାକାଲି (ଶନିବାର) ମତଦାନ ହେବ। ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ମତଦାନ ପ୍ରକ୍ରିୟା ପାଇଁ ପୋଲିଂ ପାର୍ଟିମାନେ ବୁଥ୍ ରେ ପହଂଚି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ପର୍ଯ୍ୟାୟରେ ଛଅଟି ସଂସଦୀୟ କ୍ଷେତ୍ର ଅଧିନରେ ମୋଟ ୯୯,୬୧,୦୫୭ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୫୦,୮୮,୦୭୬ ପୁରୁଷ, ୪୮,୭୨,୨୯୪ ମହିଳା ଓ ୬୮୭ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି ଏବଂ ମତଦାତା ଲିଙ୍ଗ ଅନୁପାତ ୯୫୮ ରହିଛି । ଏମାନଙ୍କ ମଧ୍ୟରେ ୨,୫୭,୩୪୫ ଜଣ ୧୮-୧୯ ବର୍ଷ ବୟସର ପ୍ରଥମ ଥର ମତଦାତା, ୨୦-୨୯ ବର୍ଷ ବୟସର ୨୦,୫୧,୫୦୫ ଜଣ ଯୁବ ମତଦାତା ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୧୦,୮୫୭ଟି ମତଦାନ କେନ୍ଦ୍ର ଓ ୨୫ଟି ଅତିରିକ୍ତ ଏହିପରି ମୋଟ୍ ୧୦,୮୮୨ ମତଦାନ କେନ୍ଦ୍ର ରହିଛି । ମତଦାନ କେନ୍ଦ୍ର ପିଛା ପ୍ରାୟ ୯୧୫ ଜଣ ମତଦାତା ରହିଛନ୍ତି । ୧୪୦୦ରୁ ଉର୍ଦ୍ଧ୍ୱ ମତଦାନ କେନ୍ଦ୍ର ସଂପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ଏହି ପର୍ଯ୍ୟାୟରେ ପ୍ରାୟ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର (ମଡ଼େଲ୍ ବୁଥ୍) ରହିଛି। ଏହି ପର୍ଯ୍ୟାୟରେ ପ୍ରାୟ ୭୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି । ନିର୍ବାଚନ ହେବାକୁ ଥିବା ୬ ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୬୬ ଜଣ ପ୍ରାର୍ଥୀ (ପୁରୁଷ-୫୫, ମହିଳା-୧୧) ରହିଛନ୍ତି । ଏହି ସଂସଦୀୟ କ୍ଷେତ୍ରଗୁଡ଼ିକ ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମୋଟ ୩୯୪ ଜଣ (ପୁରୁଷ-୩୩୬, ମହିଳା-୫୮) ପ୍ରାର୍ଥୀ ରହିଛନ୍ତି । ଏଠାରେ ୧୨୬ କମ୍ପାନୀ ସିଏପିଏଫ୍ (ସେଂଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ) ନିୟୋଜିତ ହେବେ। ସିଏପିଏଫ୍ ମାନଙ୍କୁ କ୍ରିଟିକାଲ୍ ବୁଥ୍ ଏବଂ ପ୍ରାର୍ଥୀମାନଙ୍କ ଦ୍ୱାରା ପ୍ରଦତ ୱ୍ରି ଲିଷ୍ଟ ବୁଥ୍ ରେ ନିୟୋଜିତ କରାଯିବ। ବୁଥ୍ ଭିତରକୁ କୌଣସି ବୈଦ୍ୟୁତିକ ଉପକରଣ ଯଥା-ମୋବାଇଲ୍ ଫୋନ୍, କ୍ୟାମେରା, ହେଡ୍ ଫୋନ୍ ଓ ସ୍ମାର୍ଟ ୱାଚ୍ ଆଦି ନେବାର ଅନୁମତି ନାହିଁ।

### ବଢୁଛି ଅସ୍ୱାଭାବିକ ...

ଆରଜିଏସରେ ଗତକାଲି ୧୦ ଜଣଙ୍କର ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ଆଉ ୨ ଜଣଙ୍କର ମୃତ୍ୟୁ ଘଟିଛି। ରାଉରକେଲା ମେଡିକାଲର ସମସ୍ତ ମୃତକଙ୍କ ଶବ ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିଲେ ମୃତ୍ୟୁ କାରଣ ଜଣାପଡ଼ିବ। ଯଦି ରୋଗୀ ସଂଖ୍ୟା ବଢ଼େ, ତାହାର ବ୍ୟବସ୍ଥା କରାଯିବ। କୌଣସି କାମ ନଥିଲେ ବାହାରକୁ କେହି ଯାଆନ୍ତୁ ନାହିଁ, ଘରେ ରହନ୍ତୁ । ବିଶେଷ କରି ଶ୍ରମିକମାନେ ବାହାରକୁ କାମ କରିବାକୁ ଯାଅନ୍ତୁ ନାହିଁ ବୋଲି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶାରେ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଏବେ ଯାଏଁ ପଶ୍ଚିମ ଓଡ଼ିଶାରୁ ୧୬ଟି ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ଏବେ ଯାଏ ସରକାରୀ ଭାବେ ରାଉରକେଲାରେ ୧୦, ସୁନ୍ଦରଗଡ଼ରେ ୪ ଓ ଝାରସୁଗୁଡ଼ାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସମସ୍ତ ମୃତକଙ୍କ ପୋଷ୍ଟମର୍ଟମ୍ ରିପୋର୍ଟ କରାଯାଉଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଅସ୍ୱାଭାବିକ ମୃତ୍ୟୁକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ କରାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଅସ୍ୱାଭାବିକ ମୃତ୍ୟୁ ଅଂଶୁଘାତ ଯୋଗୁ ହୋଇଛି ନା ଅନ୍ୟ କାରଣ ଅଛି ତାହା ଜଣାପଡ଼ିନାହିଁ। ରାଜ୍ୟରେ ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହା ଚିନ୍ତାର କାରଣ ପାଲଟିଛି।

### ପୁରୀ ବାଣ ବିସ୍ଫୋରଣ ଘଟଣାରେ...

ରାଶି ପ୍ରଦାନ କରିବା ଦିଗରେ ପୁରୀ ଜିଲ୍ଲାପାଳ ପଦକ୍ଷେପ ନେଇ ସାରିଥିବା କୁହାଯାଇଛି। ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ହସପିଟାଲରେ ଚିକିତ୍ସିତ ହେଉଥିବା ଖଣ୍ଡିଆବନ୍ଧର ହେମନ୍ତ ସାହୁଙ୍କର ଆଜି ସକାଳେ ମୃତ୍ୟୁ ଘଟିଥିଲା। ସେହିପରି ପରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ସେମାନେ ହେଉଛନ୍ତି ନରେନ୍ଦ୍ର କୋଣର ସୌମ୍ୟରଞ୍ଜନ ସାହୁ ଓ ଖଣ୍ଡିଆବନ୍ଧର ସମୃଦ୍ଧି ସାହୁ। ସୌମ୍ୟରଞ୍ଜନ ସାହୁ ବଳଗଣ୍ଡି ହାଇସ୍କୁଲର ୬ଷ୍ଠ ଶ୍ରେଣୀର ଛାତ୍ର ଥିଲେ। ସେହିପରି ସମୃଦ୍ଧିଙ୍କୁ ମାତ୍ର ୪ ବର୍ଷ ହୋଇଥିଲା। ସୌମ୍ୟରଞ୍ଜନ ସାହୁ ଏମ୍ସରେ ଚିକିତ୍ସାଧୀନ ଥିଲେ। ଗତ ବୁଧବାର (ମେ' ୨୯ ତାରିଖ) ପୁରୀରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଘଟିଥିଲା ଏହି ଅଘଟଣ। ସୂଚନା ଅନୁଯାୟୀ, ବାଣ ଫୁଟାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କାହାକୁ ଅନୁମତି ଦିଆଯାଇ ନଥିଲା। ଲୋକେ ପରମ୍ପରା ଅନୁଯାୟୀ ବାଣି ଫୁଟାଇ ଥିଲେ। ତେବେ ବାଣ ଫୁଟାଇଲା ବେଳେ ଏକ ବାଣ ଗଦାରେ ନିଆଁ ପଡ଼ି ଯିବାରୁ ସେଗୁଡ଼ିକ ଫୁଟି ଯାଇଥିଲା ଓ ଏହି ଅଘଟଣ ଘଟିଥିଲା। ଯେଉଁ ବ୍ୟକ୍ତି ସେହି ବାଣ ଫୁଟାଇବା ପାଇଁ ଆଣି ଗଦା କରିଥିଲେ ସେ ମଧ ଗୁରୁତର ଅଛନ୍ତି।

### ପ୍ରଶାନ୍ତ ଜଗଦ୍ଦେବଙ୍କ ...

ଭର୍ତ୍ତି କରାଯାଇଛି। ଗତ ୨୯ ତାରିଖ ଭୋର ୪ଟା ବେଳେ ତାଙ୍କୁ ଏସ୍ସିବିରେ ଭର୍ତ୍ତି କରାଯାଇଥିଲା। ମେ' ୨୫ ତାରିଖ ଅପରାହ୍ନରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ତାଙ୍କ ପତ୍ନୀ ଭୋଟ୍ ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ କାଉଁରିପାଟଣା ବୁଥରେ ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଇଭିଏମକୁ ଫିଙ୍ଗାଫୋପଡ଼ା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ବେଗୁନିଆରୁ ବିଧାୟକଙ୍କୁ ଉଠାଇ ନେଇ ଖୋର୍ଦ୍ଧା ରିଜର୍ଭ ପୋଲିସ କ୍ୟାମ୍ପସରେ ଅଟକ ରଖିଥିଲା। ପରେ ସମ୍ପୃକ୍ତ ବୁଥର ପ୍ରିଜାଇଡିଂ ଅଫିସରଙ୍କ ଏତଲା ଆଧାରରେ ପରେ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଆଇପିସିର ୧୧ଟି ଧାରା ଓ ଜନପ୍ରତିନିଧି ଆଇନର ୫ଟି ଧାରାରେ ଶ୍ରୀ ଜଗଦ୍ଦେବ ଓ ତାଙ୍କର ୪-୫ଜଣ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଇଭିଏମ୍ ଭଙ୍ଗା ଘଟଣାରେ ପ୍ରଶାନ୍ତ ଜଗଦ୍ଦେବଙ୍କ ସମ୍ପୃକ୍ତି ନଥିବା କହି ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସାମ୍ବାଦିକ ସମ୍ମିଳନୀ କରାଯାଇ ଏହା ପଛରେ ପୁଲିସର ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ କରାଯାଇଛି। ଏହାସହିତ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଉକ୍ତ ମତଦାନ କେନ୍ଦ୍ରର ସିସିଟିଭି ଫୁଟେଜ୍ ଗଣମାଧ୍ୟମକୁ ଜାରି କରି ସେଥିରେ ଇଭିଏମ୍ ଅନ୍ୟ କେହି ଭାଙ୍ଗିଥିବାର ପ୍ରମାଣ ଦେଇଛନ୍ତି। ମେ' ୨୮ ତାରିଖରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ନିଜ ଢ ହ୍ୟାଣ୍ଡଲରରେ କାଉଁରିପାଟଣା ବୁଥ୍ର ସିସିଟିଭି ଫୁଟେଜ୍ ପୋଷ୍ଟ କରିଥିଲେ ।ସେଥିରେ ବିଧାନସଭା ଇଭିଏମ୍ ଭଙ୍ଗା ଯାଇଥିବା ଦେଖିବାକୁ ମିଳୁଛି। ତେବେ ବିଧାନସଭା ଇଭିଏମ ଭଙ୍ଗା ଯାଉଥିବା ବେଳେ ବିଧାୟକ ପ୍ରଶାନ୍ତ ଜଗଦେବ ଓ ତାଙ୍କ ପତ୍ନୀ ଦୂରରେ ଥିବା ଦେଖିବାକୁ ମିଳିଛି। ଦୁଇ ଜଣ ବ୍ୟକ୍ତି ଲୋକଙ୍କ ଗହଳି ଭିତରେ ବିଧାୟକଙ୍କ ସମ୍ମୁଖରେ ଇଭିଏମ ଭାଙ୍ଗି ଏକଜିଷ୍ଟ ଗେଟ୍ ଦେଇ ପଳାଇ ଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓର ସତ୍ୟାସତ୍ୟ ସଂପର୍କରେ ତଦନ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଏସ୍ଡିପିଓ ଦିଲ୍ଲୀପ କୁମାର ଦାସଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ହେଁ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

### ପଶ୍ଚିମ ଓଡ଼ିଶାରେ....

ରହିଥିବାରୁ ଆଜି ବି ତାତିରୁ ନିସ୍ତାର ମିଳି ନାହିଁ। ପୂରା ପଶ୍ଚିମ ଓଡ଼ିଶାରେ ଲୋକେ ଛଟପଟ ହୋଇଛନ୍ତି। ସକାଳୁ ୮ଟାରୁ ମୁଣ୍ଡଫଟା ଖରା ଆରମ୍ଭ ହୋଇଯାଉଛି। ରାଜ୍ୟରେ ଚଳିତ ବର୍ଷର ତାପମାତ୍ରା ଗତକାଲି ଝାରସୁଗୁଡ଼ାରେ ୪୭ଡିଗ୍ରି ରେକର୍ଡ କରାଯାଇଥିଲା। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ୨୬ ବର୍ଷ ପୂର୍ବରୁ ୧୯୯୮ ମେ' ୨୮ ତାରିଖରେ ଝାରସୁଗୁଡ଼ାରେ ୪୮ଡ଼ିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିଲା। ଓଡ଼ିଶାରେ ପ୍ରବଳ ଖରା ହେଉଥିବା ବେଳେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଛି। ଏହା ଉତ୍ତର-ପୂର୍ବ ଅଞ୍ଚଳ ଆଡକୁ ମୁହାଁଇବ। ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏନେଇ ସୂଚନା ଦେଇଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି, ମୌସୁମୀ ଆଗୁଆ ଆସି। ଦୁଇ ଦିନ ପୂର୍ବରୁ କେରଳ ଛୁଇଁଛି। ଓଡିଶାକୁ ଜୁନ ୧୨ ପରେ ମୌସୁମୀ ଛୁଇଁବାର ସମ୍ଭାବନା ରହିଛି। ଦେଶରେ ଏଥର ଭଲ ବର୍ଷା ହେବ। ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ୧ ଜୁନରୁ ୩୧ ସେପଟେମ୍ବର ଯାଏଁ ମୌସୁମୀ ପାଇଁ ୮୭ ସେଣ୍ଟିମିଟର ବର୍ଷା ହେଇଥାଏ, ଏଥର ୧୦୬ ସେଣ୍ଟିମିଟର ବର୍ଷା ହେବାର ସମ୍ଭାବନା ରହିଛି।

### ଯୌନ ନିର୍ଯାତନା ମାମଲା....

କୋର୍ଟ ତାଙ୍କୁ ଜୁନ ୬ ଯାଏ ଏସ୍ଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଏହି ସମୟରେ ଏସ୍ଆଇଟି ତାଙ୍କୁ ଯୌନ ନିର୍ଯାତନା ଘଟଣାରେ ପଚରାଉଚରା କରିବ। ସେହିପରି ଭାଇରାଲ ସେକ୍ସ ଭିଡିଓରେ ଥିବା ସ୍ୱର ରେଭାନ୍ନାଙ୍କର କି ନୁହେଁ, ତା'ର ମଧ ଫରେନ୍ସିକ ଯାଞ୍ଚ ହେବ। କେମ୍ପେଗୌଡା ଏୟାରପୋର୍ଟରେ ପ୍ରଜ୍ୱଳ ପହଞ୍ଚିବା ପରେ ତାଙ୍କୁ ମହିଳା ପୁଲିସ୍ କର୍ମୀଙ୍କ ଏକ ଟିମ୍ ଗିରଫ କରିଥିଲେ। ଏହାପରେ ତାଙ୍କୁ ସିଆଇଡି ଅଫିସ ଅଭିମୁଖେ ନିଆଯାଇଥିଲା। ସେଠାରେ ତାଙ୍କୁ ପଚରାଉଚରା କରାଯାଇଥିଲା। ଝଓଞ ଟିମ୍ ଏୟାରପୋର୍ଟରୁ ପ୍ରଜ୍ୱଳଙ୍କ ସହ ଦୁଇଟି ସୁଟକେଶ୍ ବି ନେଇ ଯାଇଛି। ପ୍ରାଥମିକ ଜେରା ପରେ ହାସନ ସାଂସଦ ପ୍ରଜ୍ୱଳଙ୍କୁ ସ୍ଥାନୀୟ ସରକାରୀ ହସ୍ପିଟାଲକୁ ମେଡିକାଲ ଚେକଅପ ପାଇଁ ନିଆଯାଇଥିଲା। ମେଡିକାଲ ଯାଞ୍ଚ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଏସ୍ଆଇଟି ଘଟଣାର ଅଧିକ ତଦନ୍ତ ପାଇଁ ପ୍ରଜ୍ୱଳଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟ ଜୁନ ୬ ଯାଏ ତାଙ୍କୁ ରିମାଣ୍ଡରେ ପଠାଇ ଦେଇଛନ୍ତି। କର୍ଣ୍ଣାଟକାରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ପ୍ରଜ୍ୱଳ ରେଭାନ୍ନାଙ୍କ ସେକ୍ସ ଭିଡିଓ ଭାଇରାଲ ହୋଇଥିଲା। ସେ ଶହଶହ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆସିବା ପରେ ସେ ଦେଶ ଛାଡ଼ି ଜର୍ମାନୀ ଚାଲି ଯାଇଥିଲେ। ତାଙ୍କ ଘରେ କାମ କରୁଥିବା ଜଣେ ଘରୋଇ ସହକାରୀ ମଧ ପ୍ରଜ୍ୱଳ ରେଭାନ୍ନା ଓ ତାଙ୍କ ବାପା ଏଚ୍ଡି ରେଭାନ୍ନାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ଏହାପରେ ଏଚ୍ଡି ରେଭାନ୍ନାଙ୍କୁ ଗିରଫ କରାଯାଇଥିଲା।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପିକକ୍ ଦ୍ୱାରା ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ

ଭୁବନେଶ୍ୱର, ୩୧/୫ (ନି.ପ୍ର): ପିପୁଲ୍ସ କଲଚରାଲ ସେଂଟର (ପିକକ୍) ଦ୍ୱାରା ଆୟୋଜିତ "ପିଲାମାନଙ୍କୁ ତମାଖୁ ଜନିତ ସ୍ୱାସ୍ଥ୍ୟହାନିରୁ ରକ୍ଷା କରିବା" ଶୀର୍ଷକ ଏକ ୱେବିନାରରେ ବିଶେଷଜ୍ଞମାନେ ତମାଖୁ ସେବନକୁ ମୁକାବିଲା କରିବା ପାଇଁ ମିଳିତ ପ୍ରୟାସର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶ୍ୱ ତମାଖୁ ନିଷେଧ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନ, ଯୁବ ପ୍ରତିନିଧି ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏକତ୍ରିତ ହୋଇ ତମାଖୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବାର ବିଭିନ୍ନ ଉପାୟ ଉପରେ ଆଲୋଚନା କରିଥିଲେ। ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଏହି ୱେବିନାରରେ ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ ଏହି ୱେବିନିନାର ଉଦ୍ଦେଶ୍ୟ ହେଉଛି ଶିଶୁ ଏବଂ ଯୁବକମାନଙ୍କୁ ତମାଖୁ ସେବନରୁ ରକ୍ଷା କରିବା ପାଇଁ ବିଭିନ୍ନ ଉପାୟ ଉପରେ ଆଲୋକପାତ କରିବା। କଟକସ୍ଥିତ ପଣ୍ଡା କ୍ଲିନିକ୍ ର ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡକ୍ଟର ରଞ୍ଜିତ କର କହିଲେ ଯେ ତମାଖୁରେ ୬୦୦୦୦ ଉପାଦାନ ରହିଛି, ଯାହା କର୍କଟ, ଫୁସଫୁସ ସଂକ୍ରମଣ, ଶିଶୁମାନଙ୍କଠାରେ କମ୍ ଓଜନ, ଗ୍ୟାଙ୍ଗ୍ରେନ୍ ଏବଂ ଚର୍ମ ସମସ୍ୟା ସୃଷ୍ଟି କରିବାରେ ସକ୍ଷମ। ସେ କହିଛନ୍ତି ଯେ ତମାଖୁ କିମ୍ବା ତମାଖୁ ଜନିତ ଦ୍ରବ୍ୟ ବ୍ୟବହାର କରୁଥିବା ଯୁବକମାନଙ୍କୁ କର୍କଟ ବିଶେଷ ଭାବରେ ପ୍ରଭାବିତ କରିଥାଏ। ତମାଖୁ ସେବନକୁ ନିଷେଧ କରିବାକୁ ଡକ୍ଟର କର ଆହ୍ୱାନ ଦେଇଥିଲେ ଏବଂ ଶିଶୁ ତଥା ଯୁବକମାନଙ୍କୁ ଏହାର ସ୍ୱାସ୍ଥ୍ୟ ପ୍ରତି ବିପଦ ବିଷୟରେ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତମାଖୁ ଦ୍ରବ୍ୟର ବହୁଳ ପ୍ରଚାର ଓ ପ୍ରସାର ଉପରେ ପ୍ରତିବନ୍ଧକ ଲଗାଇବ ଉଚିତ ବୋଲି ସେ ନିଜର ମତ ରଖିଥିଲେ । ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ମନ୍ଦାକିନି କର ଏହି ୱେବିନିନାରରେ ଅଂଶଗ୍ରହଣ କରି ତମାଖୁ ବିକ୍ରୟସ୍ଥଳରେ ତମାଖୁ ବିଜ୍ଞାପନ ଉପରେ ନିଷେଧାଦେଶ ସହିତ ବିଦ୍ୟାଳୟ, କଲେଜ ଏବଂ ଲୋକମାନଙ୍କ ମଧ୍ୟରେ ସଚେତନତା ଅଭିଯାନ, ତମାଖୁ ସେବନ ତଥା ଏହାର ସ୍ୱାସ୍ଥ୍ୟପ୍ରତି ଥିବା ବିପଦକୁ ଦୂର କରିବାରେ ନିତ୍ୟାନ୍ତ ଆବଶ୍ୟକ ହେବ ବୋଲି ସେ କହିଥିଲେ।

## ଫାଶୀ ଘେନି ବୃଦ୍ଧଙ୍କ ଆତ୍ମହତ୍ୟା

ବସ୍ତା,୩୧ ।୫(ନିପ୍ର):ବସ୍ତା ଥାନା ମଛଡିହା ଗାଁର ଜନୈକ ବ୍ୟକ୍ତି ଶୁକ୍ରବାର ସକାଳେ ବେକରେ ଦଉଡି ଗୁଡେଇ ଫାଶୀ ଘେନି ଆତ୍ମହତ୍ୟା କରିଥିବା ଜଣାପଡିଛି। ଏହି ଗାଁର ସ୍ୱର୍ଗତ ବିଦ୍ୟାଧର ଜେନାଙ୍କ ର ପ୍ରାୟ ୫୫ ରୁ ୬୦ ବର୍ଷୀୟ ପୁଅ କାନହୁ ଚରଣ ଜେନା ଘର ପଛ ପଟେ ଏକ ଗଛରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ ।ସକାଳେ ପରିବାର ଲୋକେ ଖୋଜା ଖୋଜି କରି ସେ ଗଛରେ ଝୁଲୁ ଥିବା ଦେଖିବାକୁ ପାଇଥିଲେ ।ତାଙ୍କର ମସ୍ତିଷ୍କ ବିକୃତି ଥିଲା ବୋଲି ପୁଲିସ କହିଛି ।ତେବେ ତା'ର ମୃତ ଦେହକୁ ପୁଲିସ ଜବତ କରି କେଶ ନଂ ୨୦/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ଜାରି ରଖିଛି ଏବଂ ଶବ ବ୍ୟବଚ୍ଛେଦ କରାଇଛି।

## ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ: ୪୦ ୟୁନିଟ ରକ୍ତ ସଂଗ୍ରହ




ବାରିପଦା , ୩୧/୫ (ନି.ପ୍ର): ସ୍ଥାନୀୟ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଭୀଷଣ ଗରମ ପାଗ ସତ୍ତ୍ୱେ ୮ ଜଣ ମହିଳାଙ୍କ ସମେତ ମୋଟ ୪୦ ଜଣ ରକ୍ତଦାନ କରିଥିଲେ ଓ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଥିବାବେଳେ ଏହି ଶିବିର ଆୟୋଜକଙ୍କୁ ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ କୃତଜ୍ଞତା ଜଣାଇଥିଲେ ଓ ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ପୁଣ୍ଡରୀକାକ୍ଷ ଦାସ, ପାର୍ଥସାରଥୀ ମହାନ୍ତ, ରଚିକା ଖୁରାନା, ଛବି ମହାନ୍ତ, କରୁଣାକର ଜେନା ଓ ବିଶ୍ୱନାଥ ପଲେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ଓ ପ୍ରତିବର୍ଷ ପରି ଏ ବର୍ଷ ମଧ ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ନିରୋଜ କୁମାର ପୋଥାଳଙ୍କ ଜନ୍ମଦିନରେ ରକ୍ତଦାନ ଶିବିରଟି ଆୟୋଜିତ ହୋଇଥିଲା ଓ ସମସ୍ତ ରକ୍ତଦାତାଙ୍କୁ ସଂସ୍ଥା ତରଫରୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ଓ ଟ୍ରଷ୍ଟର ସଭାପତି ବସନ୍ତ କୁମାର ମହାପାତ୍ର, ସମ୍ପାଦକ ପ୍ରତାପେଶ୍ୱର ଦାଶ, ରାଜେଶ କୁମାର ନନ୍ଦି, ରଣଜିତ ଦାସ, ବୀର କିଶୋର କୁଅଁରବାବୁ, ଜୟ ପ୍ରକାଶ ମହାନ୍ତ, ରାକେଶ କୁମାର ଦ୍ୱିବେଦୀ, ଇନ୍ଦ୍ରଜିତ ମହାନ୍ତ, ଜଗତ କୁମାର ସିଂ, ନିରୋଦ ଦଳେଇ, ସତ୍ୟରଞ୍ଜନ ଜେନା, ରାଜଲକ୍ଷ୍ମୀ ମିଶ୍ର, ଭାସ୍ୱତୀ ପଣ୍ଡା ଓ ମାନି ଗିରି ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ ।

## ଯୁକ୍ତ ୨ ପରୀକ୍ଷାରେ ସିଦ୍ଧି ବିନାୟକ କଲେଜର ଦୁଇ ଛାତ୍ର ରାଜ୍ୟସ୍ତରୀୟ ଯୁଗ୍ମ ସପ୍ତମ




ବାଲେଶ୍ୱର, ୩୧/୫ (ନି.ପ୍ର): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ସିଦ୍ଧି ବିନାୟକ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବେଶ୍ ଉତ୍ସାହଜନକ ସଫଳତା ମିଳିଛି । ୨୨୧ଜଣ ପରୀକ୍ଷା ଦେଇଥିବା ବେଳେ ପାସହାର ୧୦୦% ହୋଇଛି । ସେଥିରୁ ୧୯୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ୨୬ଜଣ ଛାତ୍ରଛାତ୍ରୀ ୫ଶହରୁ ଉର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି । ଅନୁଷ୍ଠାନର ଜୀବନଜ୍ୟୋତି ରଥ ଓ ସାଇକ୍ରିଷ୍ଣନ୍ ତ୍ରିପାଠୀ ଉଭୟ ୫୬୦ ଲେଖାଏଁ ନମ୍ବର ରଖି ବାଲେଶ୍ୱର ଜିଲ୍ଲା ଯୁଗ୍ମ ଟପର୍ ହେବା ସହିତ ରାଜ୍ୟସ୍ତରରେ ଯୁଗ୍ମ ଭାବେ ସପ୍ତମ ସ୍ଥାନରେ ଟପର୍ ତାଲିକାରେ ନିଜକୁ ଅବସ୍ଥାପିତ କରି ଅନୁଷ୍ଠାନକୁ ଶୀର୍ଷରେ ପହଞ୍ଚାଇପାରିଛନ୍ତି। ସିଦ୍ଧିବିନାୟକ ଆବାସିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନିରନ୍ତର ୧୫ବର୍ଷ ଧରି ଗୁଣାତ୍ମକ ଶିକ୍ଷା ଏବଂ ଅଭିଜ୍ଞ ଅଧ୍ୟାପକମାନଙ୍କ ଶିକ୍ଷାଦାନ ପାଇଁ ଅନୁଷ୍ଠାନଟି ଉଚ୍ଚ ସୋପାନରେ ପହଞ୍ଚିପାରିଛି । ଏହି ଅନୁଷ୍ଠାନ ପ୍ରତି ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁମାନଙ୍କ ଭରସା ଅତୁଟ ହୋଇଥିବାରୁ ଅନୁଷ୍ଠାନର ଅଧକ୍ଷ ସୁମନ୍ତ କୁମାର ସାହୁ, ଚେୟାରମ୍ୟାନ କବୀର ମଢୁଆଳ, ସଂପାଦକ ସୁଧାଂଶୁ ପଣ୍ଡା ଓ ସଭାପତି ମୌସୁମୀ କୁମାର ସିଂହଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସାଧୁବାଦ ଜଣାଇଛନ୍ତି ।

## ଆରଏସପିର ଏଫଏମଏମ ବିଭାଗ ଦ୍ୱାରା ପୁରୁଣା ଭାରୀଯାନଗୁଡ଼ିକ ବଦଳରେ ନୂତନ ଗାଡିର ପ୍ରବର୍ତ୍ତନ



ରାଉରକେଲା, ୩୧/୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଫିଲ୍ଡ ମେସିନାରୀ (ରକ୍ଷଣାବେକ୍ଷଣ) (ଏଫଏମଏମ) ବିଭାଗ ଯାହା ଡୋଜର୍, ପେ ଲୋଡର୍, ହାଇଡ୍ରୋଲିକ୍ କ୍ରେନ୍, କ୍ରଲର୍ କ୍ରେନ୍, ଫର୍କଲିଫ୍ଟ, ଡି-ବ୍ରିକ୍ ମେସିନ୍, ସ୍କିଡ୍ ଲୋଡର ଭଳି ସମସ୍ତ ମୋବାଇଲ୍ ଭାରୀଯାନ ତଥା ଟ୍ରକ୍, ମିନି ଟ୍ରକ ତଥା ଟ୍ରାକ୍ଟର ଭଳି ଏକ୍ସକାଭେଟରର ରକ୍ଷଣାବେକ୍ଷଣର ଦାୟିତ୍ୱ ବହନ କରିଥାଏ, ଭାରତ ସରକାରଙ୍କ ଭେଇକିଲ୍ ସ୍କ୍ରାପେଜ୍ ପଲିସି ଅନୁଯାୟୀ ୧୫ବର୍ଷରୁ ଅଧିକ ପୁରୁଣା ଯାନକୁ ବ୍ୟବସ୍ଥିତ ଭାବରେ ପ୍ରତିବଦଳ କରୁଛି । ଏହି ବଦଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅଧୀନରେ କିଣାଯାଇଥିବା ନୂତନ ଯାନଗୁଡ଼ିକର ଏକ ସେଟ୍ ମଧ୍ୟରେ ପୂର୍ବର କ୍ୟାଟରପିଲର ପ୍ରଭେଦର ଟାୟାର ମାଉଣ୍ଟେଡ୍ ଡୋଜର୍, ଗୋଟିଏ ଟାୟାର ମାଉଣ୍ଟେଡ୍ ଡୋଜର, ୧୬ ଘନ ମିଟର କ୍ଷମତା ବିଶିଷ୍ଟ ୩ଟି ଟିପର୍ (ଗୋଟିଏ କୋକ୍ ଓଭେନ ପାଇଁ ଏବଂ ୨ଟି ଏଫଏମଏମ ପାଇଁ ଉଦ୍ଦିଷ୍ଟ), ୧୬ ଟନ କ୍ଷମତାର ୨ଟି ଟ୍ରକ୍ (ଗୋଟିଏ ଆରଏମଏଚପି ପାଇଁ ଏବଂ ଗୋଟିଏ କ୍ରେନ୍ ରକ୍ଷଣାବେକ୍ଷଣ ପାଇଁ), ସହର ଜଳ ଯୋଗାଣ ପାଇଁ ୯୦୦୦ ଲିଟର କ୍ଷମତା ବିଶିଷ୍ଟ ଗୋଟିଏ ୱାଟର ଟ୍ୟାଙ୍କର୍ ଏବଂ ୧.୫ ଟନ୍ କ୍ଷମତା ବିଶିଷ୍ଟ ୩ଟି ମିନି ଟ୍ରକ୍ (କାଲସାଇନିଂ ପ୍ଲାଣ୍ଟ ପାଇଁ ଗୋଟିଏ ଏବଂ ଏଫଏମଏମ ପାଇଁ ଦୁଇଟି) ସାମିଲ କରାଯାଇଛି। ଆଗାମୀ ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଉତ୍ପାଦନ ୟୁନିଟ୍ ଗୁଡିକରେ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିବାକୁ ଅତ୍ୟାଧୁନିକ ବୈଶିଷ୍ଟ୍ୟତା ଯୁକ୍ତ ଏହି ନୂତନ ଯାନଗୁଡିକୁ ପ୍ରତ୍ୟେକକୁ ସର୍ବନିମ୍ନ ସମ୍ଭାବ୍ୟ ଦୁଇ ମାସର ଅବଧି ମଧ୍ୟରେ କ୍ରୟ କରାଯାଇଛି । ଗତ ମଇ ୨୯ ତାରିଖରେ ଏଫଏମଏମ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପରିବହନ ଏବଂ ଏଫଏମଏମ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ଅବକାଶ ମଲ୍ଲିକ ଏହି ନୂତନ ଯାନ ସମୂହକୁ ଉଦଘାଟନ କରି ଏହାକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ ଯାହା ପାଇଁ ଏହା କ୍ରୟ କରାଯାଇଛି। ଏହି ଅବସରରେ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସଂପୃକ୍ତ ବିଭାଗର ପ୍ରତିନିଧୀମାନେ ଉପସ୍ଥିତ ଥିଲେ। ଏଫଏମ୍ଏମ୍ ବିଭାଗର ଡିଜିଏମ୍ ଶ୍ରୀ ପ୍ରୀତମ ଏମ ମିଞ୍ଜ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର +୨ ପରୀକ୍ଷା ଫଳ ପ୍ରକାଶିତ: ଉଭୟ କଳା ଓ ବିଜ୍ଞାନରେ ପାସ ହାର ୯୮ ପ୍ରତିଶତ



ଉଦଳା , ୩୧/୫ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର +୨ ପରୀକ୍ଷାଫଳ ପ୍ରକାଶ ପାଇଛି । ଉଭୟ କଳା ଓ ବିଜ୍ଞାନରେ ପାସ ହାର ୯୮ ପ୍ରତିଶତ ଥିବାର ଜଣାଯାଇଛି । ବିଜ୍ଞାନରେ ପରୀକ୍ଷା ଦେଇଥିବା ମୋଟ ୮୪ ଜଣ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୨ ଜଣ, ୨ୟ ଶ୍ରେଣୀରେ ୩୩ ଜଣ ଓ ତୃତୀୟ ଶ୍ରେଣୀରେ ୧୭ ଜଣ ପାସ କରିଛନ୍ତି । ଝରଣା ସୋରେନ ସର୍ବାଧିକ ୪୮୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି କଳାରେ ପରୀକ୍ଷା ଦେଇଥିବା ମୋଟ ୨୩୬ ଜଣ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୯ ଜଣ , ଦ୍ୱିତୀୟ ଶ୍ରେଣୀରେ ୬୩ଜଣ ଓ ୩ୟ ଶ୍ରେଣୀରେ ୮୯ ଜଣ ପାସ କରିଛନ୍ତି । ସାବିତ୍ରୀ ନାଏକ ସର୍ବାଧିକ ୪୮୧ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ କାର୍ଯ୍ୟରତ ଅଧାପକ / ଅଧାପିକା ମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଏହିଭଳି ପରୀକ୍ଷାଫଳ ସମ୍ଭବ ହୋଇ ପାରିଛି ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି । କପ୍ତିପଦା ଉପଖଣ୍ଡର ଏହା ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ବିଭିନ୍ନ ମହଲରେ ଉକ୍ତ ମହାବିଦ୍ୟାଳୟର ପରୀକ୍ଷା ଫଳ ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ ପାଇଛି ।

## ଜଳସଙ୍କଟକୁ ନେଇ କେନ୍ଦ୍ରରୁ ସହାୟତା ପାଇଁ ନିବେଦନ କଲେ କେଜରିୱାଲ

ନୂଆଦିଲ୍ଲୀ, ୩୧/୫ :ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଶୁକ୍ରବାର କେନ୍ଦ୍ର ତଥା ବିଜେପିକୁ ଅପିଲ କରିଛନ୍ତି ଯେ, ସେ ଉତ୍ତରପ୍ରଦେଶ ଓ ହରିୟାଣା ସରକାରଙ୍କ ଠାରୁ ଦିଲ୍ଲୀର ପାଣି ଚାହିଦାକୁ ପୂରଣ କରିବା ପାଇଁ ସହାୟତା କରିବାକୁ ଅନୁରୋଧ କରନ୍ତୁ । କେଜରିୱାଲ ଏକ୍ସ ପୋଷ୍ଟରେ କହିଛନ୍ତି ଯେ, ଏଥର ପୂରା ଦେଶରେ ପ୍ରବଳ ଗରମ ଅନୁଭୂତ ହେଉଛି, ଯେଉଁ କାରଣରୁ ସାରା ଦେଶରେ ପାଣି ଓ ବିଜୁଳି ସଂକଟ ସୃଷ୍ଟି ହୋଇଛି । ଗତବର୍ଷ, ଦିଲ୍ଲୀରେ ବିଜୁଳିର ପିକ୍ ଡିମାଣ୍ଡ ୭୪୩୮ ମେଗାୱାଟ ଥିଲା । ଏହାର ମୁକାବିଲାରେ ଏଥର ପିକ୍ ଡିମାଣ୍ଡ ୮୩୦୨ ମେଗାୱାଟରେ ପହଂଚିଛି । ଏହାପରେ ବି ଦିଲ୍ଲୀରେ ବିଜୁଳି ସ୍ଥିତି ନିୟନ୍ତ୍ରଣରେ ଅଛି, ଅନ୍ୟ ରାଜ୍ୟ ପରି ପାୱାର କଟ୍ ହେଉନାହିଁ ।

## ମହଙ୍ଗା ଭତ୍ତା ବୃଦ୍ଧିର ପ୍ରଭାବ: ବଢ଼ିଲା ଗ୍ରାଚୁଇଟି ସୀମା

ନୂଆଦିଲ୍ଲୀ, ୩୧/୫ : କେନ୍ଦ୍ର ସରକାର ନିକଟରେ ନିଜର କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ୪% ବୃଦ୍ଧି କରିଥିଲେ। ଫଳରେ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୦%ରେ ପହଞ୍ଚି ଯାଇଥିଲା। ଏପରି ମହଙ୍ଗା ଭତ୍ତା ବୃଦ୍ଧିର ସକାରାତ୍ମକ ପ୍ରଭାବ ଅବସରପ୍ରାପ୍ତ ଗ୍ରାଚୁଇଟି ସମେତ ଏକାଧିକ ଭତ୍ତା ଉପରେ ପଡ଼ିଛି। ମହଙ୍ଗା ଭତ୍ତା ବୃଦ୍ଧି ଯୋଗୁ କେନ୍ଦ୍ରୀୟ କର୍ମଚାରୀମାନେ ମଧ ଲାଭବାନ ହୋଇଛନ୍ତି। ୨୦୨୪ ମେ' ୩୦ରେ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ କେନ୍ଦ୍ର ସରକାର ସପ୍ତମ ବେତନ କମିଶନଙ୍କ ସୁପରିସକୁ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିବାରୁ ଅବସରପ୍ରାପ୍ତ ଗ୍ରାଚୁଇଟି ଓ ମୃତ୍ୟୁକାଳୀନ ଗ୍ରାଚୁଇଟିର ସୀମା ମଧ ବୃଦ୍ଧି ପାଇଛି। ଏହାର ଅର୍ଥ ଅବସରପ୍ରାପ୍ତ ଗ୍ରାଚୁଇଟି ଓ ମୃତ୍ୟୁକାଳୀନଗ୍ରାଚୁଇଟିର ସୀମା ୨୫% ବୃଦ୍ଧି ପାଇଛି। ପୂର୍ବରୁ ଏପରି କ୍ଷେତ୍ରରେ ୨୦ ଲକ୍ଷ ଟଙ୍କା ମିଳୁଥିବା ବେଳେ ଏବେ ୨୫ ଲକ୍ଷ ଟଙ୍କା ମିଳିବ। ଏହା ପିଛିଲା ଭାବେ ୨୦୨୪ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବ। ସମାନ ଘୋଷଣା ପୂର୍ବରୁ ୨୦୨୪ ଏପ୍ରିଲ ୩୦ରେ କରାଯାଇଥିଲା। କିନ୍ତୁ ମେ' ୭ରେ ଏହାକୁ ଅସ୍ଥାୟୀ ରୂପ ବନ୍ଦ କରି ଦିଆଯାଇଥିଲା। ହେଲେ ଏବେ ପୁଣିଥରେ ନୂଆ ନିୟମ ଲାଗୁ କରାଯିବ ବୋଲି କୁହାଯାଇଛି। ଗ୍ରାଚୁଇଟି ଯୋଗଦାନ (ସଂଶୋଧନ) ଅଧିନିୟମ ୨୦୧୮କୁ ସେହି ବର୍ଷ ମାର୍ଚ୍ଚ ୨୯ରେ ଲାଗୁ କରାଯାଇଥିଲା। ଏହି ବିଲ ୨୦୧୮ ମସିହା ମାର୍ଚ୍ଚ ୧୫ରେ ଲୋକସଭା ଓ ମାର୍ଚ୍ଚ ୨୨ରେ ରାଜ୍ୟସଭାରେ ପାସ୍ ହୋଇଥିଲା। ଏହାପରେ ମାର୍ଚ୍ଚ ୨୯ରୁ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ପେମେଣ୍ଟ ଅଫ୍ ଗ୍ରାଚୁଇଟି ଆକ୍ଟ ୧୯୭୨ ସେହିମାନଙ୍କ କ୍ଷେତ୍ରରେ ଲାଗୁ ହୋଇଥାଏ, ଯେଉଁ କମ୍ପାନୀରେ ୧୦ କିମ୍ବା ତା' ଠାରୁ କିମ୍ବା ଅଧିକ ଲୋକ କାମ କରନ୍ତି। ଏହି ଆଇନ ପ୍ରଣୟନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ଅବସର ପରେ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା। ପୂର୍ବରୁ ଗ୍ରାଚୁଇଟି ପରିମାଣର ସର୍ବାଧିକ ୧୦ ଲକ୍ଷ ଟଙ୍କା ରହିଥିଲା। ତେବେ ସପ୍ତମ ବେତନ କମିଶନଙ୍କ ସୁପାରିସ କ୍ରମେ ଏହାକୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

## ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ -୭ ଦ୍ୱାରା ଅସ୍ତ୍ର ପ୍ରଶିକ୍ଷଣ ଶିବିର 'ହୋସିଆର-୨୪'




ପାରାଦୀପ, ୩୧/୫ (ନି.ପ୍ର): ଭାରତୀୟ ତଟ ରକ୍ଷକ ବହିନୀ ଶାନ୍ତି ସମୟରେ ଆମର ବିଶାଳ ସାମୁଦ୍ରିକ ସୀମାରେ ୨୪ ଘଣ୍ଟା ନିରୀକ୍ଷଣ ସୁନିଶ୍ଚିତ କରୁଛି । ଆମର ସମୁଦ୍ର ସୀମାରୁ ଆସୁଥିବା ସମସ୍ତ ପ୍ରତିବନ୍ଧକକୁ ରୋକିବାରେ ଭାରତୀୟ ତଟ ରକ୍ଷକ ଅତୁଟ ଭୂମିକା ଗ୍ରହଣ କରୁଅଛି । ଭାରତୀୟ ତଟ ରକ୍ଷକ ଭାରତର ସର୍ବକନିଷ୍ଠ ସାମୁଦ୍ରିକ ଶକ୍ତି ତଥା ବିଶ୍ୱର ଚତୁର୍ଥ ବୃହତମ ତଟ ରକ୍ଷକ ବାହିନୀ ଭାବରେ ସମୁଦ୍ରରେ ତ୍ରାଣକର୍ତାର ଭୂମିକା ତୁଲାଇ ଥାଏ ଓ କ୍ରମାଗତ ଭାବେ ଏକ ଦୃଢ ସାମରିକ ଶକ୍ତି ଭାବେ କାର୍ଯ୍ୟ କରି ଆସୁଅଛି । ବାର୍ଷିକ ଶସ୍ତ୍ର ପ୍ରଶିକ୍ଷଣ ଶିବିର ର ଦ୍ୱିତୀୟ ସଂସ୍କରଣ 'ହୋସିଆର-୨୪' ୨୭ -୩୧ ମଇ ୨୪ ଯାଏ ଅନୁଷ୍ଠିତ ହୋଇଥିଲା । ଏହି ପ୍ରିଶିକ୍ଷଣକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥିଲା ଯଥା ଉନ୍ନତ ଶସ୍ତ୍ର ପରିଚାଳନା ଓ ବିସ୍ତୃତ ଡ୍ରିଲ ପର୍ଯ୍ୟାୟ । ଡ୍ରିଲ୍ ପର୍ଯ୍ୟାୟ ର ତାଲିମ ଅଧିବେଶନ ରେ ଜାହାଜରେ ପ୍ରକୃତ ସମୟ ରେ ସମୁଦ୍ରରେ ବୋର୍ଡିଂ କ୍ଷମତାକୁ ସବୁ ପରିସ୍ଥିତିରେ କାର୍ଯ୍ୟକାରୀ କରିବା ପାଇଁ ପ୍ରମୁଖ ଉଦେଶ୍ୟ ଥିଲା । ବୋର୍ଡିଙ୍ଗ ପ୍ରକ୍ରିୟାରେ ବାଧା ଓ ଆଉ ସବୁପ୍ରକାର ର ପାରମ୍ପରିକ ପ୍ରତିବନ୍ଧକ ର ମୁକାବିଲା କରିବା ପାଇଁ ପ୍ରଶିକ୍ଷାର୍ତ୍ତୀ ମାନଙ୍କୁ ଯୋଗ୍ୟ ଓ ଅନୁଭବୀ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ନିୟମକୁ ସୁନିଶ୍ଚିତ କରିବା ଏହି ଶିବିର ର ଉପଲବ୍ଧି ଥିଲା କ୍ଷ ଏହି ପ୍ରଶିକ୍ଷଣ ମୁଖ୍ୟତ ଭାରତୀୟ ତଟରକ୍ଷୀ ବାହିନୀକୁ ସମୁଦ୍ରରେ ଡକାୟତି ବିରୋଧୀ ମିଶନ ଓ ଆତଙ୍କବାଦ ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ଏହି ପ୍ରଶିକ୍ଷଣ ତଟ ରକ୍ଷକ ଯବାନ ମାନଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ଆମ ଦେଶର ଅର୍ଥନୈତିକ , ପରିବେଶ ଏବଂ ସୁରକ୍ଷାକୁ ସୁନିଶ୍ଚିତ ରଖିବାରେ ଭାରତୀୟ ତଟରକ୍ଷୀ ବାହିନୀକୁ ସାହାଯ୍ୟ କରିବ ।କ୍ୟାମ୍ପ ହୋସିଆର -୨୪ ଶେଷରେ ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ ଚିତାକର୍ଷକ କ୍ରମାଗତ ଡ୍ରିଲ ସହିତ ସମାପ୍ତ ହୋଇଥିଲା ଓ ପରେ ପ୍ରଭାବଶାଳୀ କ୍ୟାମ୍ପଫାୟାର ଏବଂ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା ।ଶିବିର ହୋସିୟର୍ ଦଳ ଗଠନ, ସ୍ୱୟଂ ପରିଚାଳନା, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣର ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥିଲେ ଯାହା ଭାରତୀୟ ତଟରକ୍ଷୀ ବାହିନୀକୁ ଏହାର ଆଦର୍ଶବାଣୀ 'ବୟମ ରକ୍ଷାମଃ 'ବଜାୟ ରଖିବାରେ ସାହାଯ୍ୟ କରିବ ।

## 'ମନା'ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାଲେଶ୍ୱର, ୩୦/୫ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର' ପକ୍ଷରୁ 'ବିଶ୍ୱ ତିମାଖୁ ବର୍ଜନ ଦିବସ' ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦିକା ମମତା ମହାପାତ୍ର ତମାଖୁ ସେବନର ଭୟାବହତାର ଚିତ୍ର ଉପସ୍ଥାପନ କରିଥିଲେ । ବୈଠକରେ 'ମନା'ର ଉପଦେଷ୍ଟା ସୁବ୍ରତ କର ତେଲେଙ୍ଗାନା ସରକାରଙ୍କ ପରି ଓଡ଼ିଶାରେ ତମାଖୁ ସେବନ ନିଷେଧ କରାଯିବାକୁ ସରକାରଙ୍କ ଠାରେ ଦାବି କରିଥିଲେ । ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଭାରତରେ ପ୍ରତି ଘଂଟାରେ ୩ଜଣ ତମାଖୁ ସେବନ କରୁଥିବା କାରଣରୁ ମୃତ୍ୟୁ ମୁଖରେ ପଡୁଥିବା ଓ କରୋନା ମହାମାରୀ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ସର୍ବାଧିକ ହାର ଥିବା ପ୍ରକାଶ କରିଥିଲେ । ବୈଠକରେ ସର୍ବଶ୍ରୀ ଗଙ୍ଗାଧର ପୃଷ୍ଟି, ଶଶାଙ୍କ ଶେଖର ଦତ, ସୀତାରାମ ପ୍ରଧାନ, ବସନ୍ତ ପ୍ରଧାନ ଓ କମଳାକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo